ବର୍ଷ-୨୫, ସଂଖ୍ୟା-୨୭୪
ଭୁବନେଶ୍ୱର
୧୫, ଅକ୍ଟୋବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 274
Bhubaneswar
15, October, 2025 Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଭାରତ
୨-୦ରେ
ବିଜୟୀ



# ଲୁହା ବଦଳରେ ଶ୍ରୀମନ୍ଦିରରେ ପିତ୍ତଳ ରେଲିଂ ସ୍ଥାପନ

**ପୁରୀ,୧୪।୧୦(ମହାଭାରତ):** ଶ୍ରୀମନ୍ଦିର ପରିସରରେ ଆଉ ଲୁହାର ରେଲିଂ ରହିବ ନାହିଁ। ଧୀରେଧୀରେ ଏହାକୁ ଅପସାରଣ କରାଯାଉଛି। ଲୁହା ବଦଳରେ ପିତ୍ତଳ ରେଲିଂ ସ୍ଥାପନ କରାଯାଉଛି। ଆଗାମୀ କିଛି ମାସ ମଧ୍ୟରେ ଶ୍ରୀମନ୍ଦିର ପରିସରରୁ ସଂପୂର୍ଣ୍ଣ ରୂପେ ରେଲିଂ ହଟିବ। ଶ୍ରଦ୍ଧାଳୁମାନେ ପିତ୍ତଳ ରେଲିଂ ଦେଇ ମହାପ୍ରଭୁଙ୍କ ନିକଟକୁ ପହଞ୍ଚିବେ। ଶ୍ରୀମନ୍ଦିର ପରିସରରେ ଥିବା ଅନ୍ୟ ମନ୍ଦିରଗୁଡ଼ିକରେ ମଧ୍ୟ ସମାନ ପ୍ରକାରର ବ୍ୟବସ୍ଥା କରାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ଡ. ଅରବିନ୍ଦ ପାଢ଼ୀ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି



ଶ୍ରୀ ପାଢ଼ୀ କହିଛନ୍ତି ଯେ, ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଚାଲିଥିବା ଅନେକ ପ୍ରକଳ୍ପ ଉପରେ ଆଲୋଚନା ହୋଇଛି ପ୍ରକଳ୍ପ ସାଂସ୍କୃତିକ ସବ୍ କମିଟି ଓ ପ୍ରକଳ୍ପ ବୈଷୟିକ ସବ୍ କମିଟି ବୈଠକ ମାଧ୍ୟମରେ ଆଜି ଆଲୋଚନା ହୋଇଛି। ଏହି ବୈଠକରେ ଗଜପତି ମହାରାଜ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି)ର ପରିଚାଳନା ନିର୍ଦ୍ଦେଶକ ଓ ତାଙ୍କର ଟିମ୍ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ହୋଇଥିଲା ଯେ, ଯାହା ବି ପ୍ରକଳ୍ପ ନିର୍ମାଣ ହେବ, ତାହା ଅନ୍ତର୍ଜାତୀୟ ସ୍ତରର ହେବ। ମହାପ୍ରଭୁଙ୍କ ନାମରେ ଥିବା ଜମିରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ହେବ। ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ତି, ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଯୁଗ୍ମ ବୈଠକରେ ଶ୍ରୀଜଗନ୍ନାଥ ଧାମ୍ ପାଇଁ ଆଧ୍ୟାତ୍ମିକ, ସାଂସ୍କୃତିକ, ଧାର୍ମିକ ତତ୍ ଉପରେ ଆଲୋଚନା ହୋଇଥିଲା। ଯାହା ବି ପ୍ରକଳ୍ପ ହେବ ତାହା ଅନ୍ତରାଷ୍ଟ୍ରୀୟ ସ୍ତରୀୟ ହେବ। ମହାପ୍ରଭୁଙ୍କ ନାମରେ ଥିବା ଜମିରେ ପ୍ରକଳ୍ପ ହେବ ଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନର ଉନ୍ନତୀକରଣ ଉପରେ ଆଲୋଚନା ହୋଇଥିଲା। ସେହିପରି ଶ୍ରୀମାର୍ଗ ଉନ୍ନତୀକରଣ, ପିଲଗ୍ରୀମ୍ ସେଣ୍ଟର ରକ୍ଷଣାବେକ୍ଷଣ, ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ ଉପରେ ଆଲୋଚନା ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ଜାରି ଥିବା ନିର୍ମାଣ କାମ ଆସନ୍ତାବର୍ଷ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ କରାଯାଇଛି। ଏହି ସମୟ ମଧ୍ୟରେ ମରାମତି ହୋଇ ନପାରିଲେ ରଥଯାତ୍ରା ପରେ କରିବେ।

ବୈଠକରେ ଶ୍ରୀମନ୍ଦିରର ଅଭ୍ୟର୍ଥନା କେନ୍ଦ୍ର, ସାଂସ୍କୃତିକ କେନ୍ଦ୍ର, ରଘୁନନ୍ଦନ ଲାଇବ୍ରେରୀ ଉପରେ ଆଲୋଚନା ହୋଇଥିଲା। ସେବକ ବାସଗୃହ ପ୍ରକଳ୍ପ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅସମ୍ପୂର୍ଣ୍ଣ କାମ ଖୁବଶୀଘ୍ର ଶେଷ ହେବ। ଶ୍ରୀମନ୍ଦିରର ଅନ୍ନକ୍ଷେତ୍ର, ହୋମଯଜ୍ଞ, ନାମଯଜ୍ଞ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ଏଏସଆଇ ଦ୍ୱାରା ଶ୍ରୀମନ୍ଦିରର ଐତିହ୍ୟ ଆଲୋକୀକରଣ କରାଯିବ। ଡିପିଆର୍ ପହଞ୍ଚିସାରିଛି। ମୁଖ୍ୟ ମନ୍ଦିର, ଗର୍ଭଗୃହ, ଜଗମୋହନ, ନାଟମଣ୍ଡପ ଛାଡି ବାହାରପାର୍ଶ୍ୱ ଆଲୋକୀକରଣ କରାଯିବ। ଶ୍ରୀମନ୍ଦିର ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରଣ ସଂସ୍ଥାପନ ଉପରେ ଆଲୋଚନା ହୋଇଛି ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି।

## ଫେକ୍ ୱେବସାଇଟ୍ ମାୟାରେ କୋଟିଏ ହରାଇଲେ

**ରାଇରଙ୍ଗପୁର,୧୪।୧୦(ମହାଭାରତ):** ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳରେ ବଡ଼ଧରଣର ଅନଲାଇନ୍ ଠକେଇ ସାମନାକୁ ଆସିଛି। ଏହି ଅଞ୍ଚଳରେ ହଜାର ହଜାର ଲୋକଙ୍କ କୋଟିଏ ଟଙ୍କାରୁ ଅଧିକ ଉଡ଼ିଯାଇଛି। କିଛି ଲୋକ ଅଧିକ ଲୋଭରେ ତଳିତଳାନ୍ତ ହୋଇ ଯାଇଛନ୍ତି। 'ଆଇଏଚଜି' ନାଁରେ ଏକ ନକଲି ୱେବ୍ସାଇଟ୍ ଜରିଆରେ ଏହି ଠକେଇ ହୋଇଥିବା ଚର୍ଚ୍ଚା ହେଉଛି। ଏକ ଠକ କମ୍ପାନି 'ଆଇଏଚଜି' ନାମରେ ନକଲି ଏକ ୱେବସାଇଟ୍ ଖୋଲି କାରବାର ଆରମ୍ଭ କରିଥିଲା। ବେଙ୍ଗାଲୁରୁର ଜଣେ ଯୁବକଙ୍କ ଜରିଆରେ ଓଡ଼ିଶାର କିଛି ଯୁବକ ପ୍ରଥମେ ଏହି ସାଇଟର ପ୍ରଚାର ଆରମ୍ଭ କରିଥିଲେ। ତାଙ୍କଠାରୁ ଏହି ଅଞ୍ଚଳକୁ ଚେନ୍ ମାର୍କେଟିଂ ଭଳି ବ୍ୟାପି ଯାଇଥିଲା। ହ୍ୱାଟସ୍ଆପ୍ ଏବଂ ଅନ୍ୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବ୍ୟାପକ ଭାବେ ପ୍ରଚାରିତ ହେବା ସହ ମାସ କେଇଟା ଭିତରେ ସହରର ହଜାର ହଜାର ଲୋକ ଏଥିରେ ଯୋଡ଼ି ହୋଇଥିଲେ। ସାଇବର୍ ଠକେଇର ଶିକାର ହୋଇଥିବା ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ ପ୍ରଥମେ କିଛି ଟଙ୍କା ନେଇ ଲୋକଙ୍କୁ ଯୋଡ଼ା ଯାଉଥିଲା।

## ଏମ୍ସ କର୍ମଚାରୀ ହତ୍ୟା ଘଟଣାରେ ୪ ଗିରଫ

**ଭୁବନେଶ୍ୱର,୧୪।୧୦(ମହାଭାରତ):** ବହୁଚର୍ଚ୍ଚିତ ସରକନ୍ତରା ହତ୍ୟାକାଣ୍ଡ ମାମଲାରେ କମିସନରେଟ୍ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସୁକାନ୍ତ ପ୍ରଧାନ, ଶୁଭେନ୍ଦୁ ପ୍ରଧାନ, ରାକେଶ ଖୁଣ୍ଟିଆ ଓ ସୁବ୍ରତ ସାହୁ। ଏସିପି ଜୋନ୍-୩ ତାପସ ଚନ୍ଦ୍ର ପ୍ରଧାନ କହିଛନ୍ତି, ଗିରଫ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ହତ୍ୟାରେ ବ୍ୟବହୃତ ବନ୍ଧୁକ ଜବତ କରିଛି। ଜମିଜମା ବିବାଦକୁ କେନ୍ଦ୍ର କରି ହତ୍ୟା ହୋଇଥିଲା। ପୂର୍ବ ଯୋଜନା ଅନୁଯାୟୀ ଏମ୍ସ ମେଡିକାଲର କର୍ମଚାରୀ ସୁଧାଂଶୁ ଖୁଣ୍ଟିଆକୁ ହତ୍ୟା କାରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର ଅଛି। ହତ୍ୟା ପରେ ବ୍ୟବହୃତ ବନ୍ଧୁକ ସୁବ୍ରତ ସାହୁ ଲୁଚାଇ ରଖିଥିଲା। ଏହି ଘଟଣାକୁ ପୁଲିସ ଗମ୍ଭୀରତାର ସହିତ ନେଇ ତଦନ୍ତ ଜାରି ରଖିଛି।

## ଦୁଇ ଘଣ୍ଟା ବାଣଫୁଟା

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ଚଳିତ ମାସ ୨୦ ତାରିଖରେ ସାରା ଦେଶ ପାଳନ କରିବ ଦୀପାବଳି। ଏଥିଲାଗି ସବୁଠି ପ୍ରସ୍ତୁତି ଜୋରଦାର ଚାଲିଛି। ଏହାପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବାଣ ଫୁଟାଇବାର ସମୟକୁ ନେଇ ଗାଇଡଲାଇନ୍ ଆସିଛି।

ଚଳିତ ବର୍ଷ ଦୀପାବଳିରେ ବାଣ ଫୁଟାଇବା ଲାଗି ସମୟ ନିର୍ଦ୍ଧାରିତ ହୋଇଛି। କେବଳ ସଂଧ୍ୟା ୭ରୁ ୯ଟା ଭିତରେ ସୀମିତ ରହିବ ବାଣଫୁଟା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି।



ଖାଲି ୨ ଘଣ୍ଟାର ସମୟ ନୁହେଁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବାକୁ ମଧ୍ୟ ବାରଣ କରାଯାଇଛି। ବାଣର ଶବ୍ଦ ୧୨୫ ଡେସିବଲରୁ ଅଧିକ ହୋଇପାରିବ ନାହିଁ। ବଗିଚା, ପାର୍କ, ହସ୍ପିଟାଲ୍ , ଶିକ୍ଷାନୁଷ୍ଠାନ , କୋର୍ଟ, ମନ୍ଦିର ପାଖରେ ବାଣ ଫୁଟାଇବାକୁ ବାରଣ କରାଯାଇଛି। ଖୋଲା ଜାଗାରେ ବାଣ ଫୁଟାଇପାରିବେ। କିନ୍ତୁ ତାହା କେବଳ ସବୁଜ ବାଣ ହିଁ ହୋଇଥିବ। ଝୁମ୍ପୁଡ଼ି ଘର , ଦୋକାନ, ଅଗ୍ନି-ପ୍ରବଣ ସ୍ଥାନ, ରାସ୍ତା ଏବଂ ଅଧିକ ଯାତାୟାତ ସ୍ଥାନରେ ବାଣ ଫୁଟାଇବାକୁ ବର୍ଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ୧୦ ବର୍ଷରୁ କମ୍ ବୟସର ଶିଶୁମାନେ ଶବ୍ଦ-ସୃଷ୍ଟି କରୁଥିବା ବାଣ ଫୁଟାଇପାରିବେ ନାହିଁ। ବାଣ ଫୁଟାଇବା ସମୟରେ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସୂତା ପୋଷାକ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଏଥିରେ ଖିଲାପ କରିବେ, ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ଜୟ ଢୋଲକିଆଙ୍କ ନାମ ଚୂଡ଼ାନ୍ତ : ସୁଜିତ

**ଭୁବନେଶ୍ୱର,୧୪।୧୦(ମହାଭାରତ):** ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଚୂଡ଼ାନ୍ତ ହୋଇସାରିଛି ଏବଂ ଖାଲି ଘୋଷଣା ବାକି ରହିଛି ବୋଲି କହିଛନ୍ତି ବିଜେପି ରାଜ୍ୟସଭା ସାଂସଦ ସୁଜିତ କୁମାର। ସେ କହିଛନ୍ତି ୧୬ ତାରିଖରେ ବିଜେପି ପ୍ରାର୍ଥୀ ନାମାଙ୍କନ ଭରିବେ। ନାମାଙ୍କନ ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ମନ୍ତ୍ରୀ ସାଂସଦ ଓ ବିଧାୟକ ବିଶାଳ ରାଲିରେ ଆସିବେ। ସେହି ଦିନ ଆୟୋଜିତ ହେବାକୁ ଥିବା ଏକ ବିଶାଳ ସମାବେଶରେ ୨୦୦୦ ରୁ ଅଧିକ କର୍ମୀ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ଯୋଗ ଦେବେ। ସେ ଆହୁରି ଜୋର୍ ଦେଇ କହିଛନ୍ତି ଯେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ୫୦ ହଜାରରୁ ଅଧିକ ଭୋଟରେ ବିଜୟୀ ହେବେ। ବିଜେଡି ଏଯାଏ ପ୍ରାର୍ଥୀ ସ୍ଥିର କରିପାରିନାହିଁ। ତେଣେ କଂଗ୍ରେସକୁ ଲୋକେ ପସନ୍ଦ କରୁନାହାନ୍ତି।

# ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ବାନ୍ଧିଲା ପୋଲିସ

କୋଲକାତା,୧୪।୧୦(ମହାଭାରତ); ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯିବା ଘଟଣାରେ ନୂଆ ଟ୍ୱିଷ୍ଟ ଆସିଛି। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଜି ପୁଲିସ୍ ଗିରଫ କରିଛି। ଗିରଫ ମୁଖ୍ୟ ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ପୀଡ଼ିତାଙ୍କ ସହପାଠୀ ତଥା ପୁରୁଷ ବନ୍ଧୁ। ଘଟଣା ଦିନ ପୁରୁଷ ବନ୍ଧୁ ଜଣଙ୍କ ପୀଡ଼ିତାଙ୍କୁ କ୍ୟାମ୍ପସ ବାହାରକୁ ଆସିବାକୁ ପ୍ରବର୍ତ୍ତାଇ ଥିଲେ। ଏଥିସହ ସେ ତାଙ୍କୁ ଦୁଷ୍କର୍ମ କରିଥିଲେ। ତେଣୁ ପୁଲିସ୍ ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ଆଜି ଗିରଫ କରିଛି। ଆସନ୍ତାକାଲି ତାଙ୍କୁ କୋର୍ଟରେ ହାଜର କରାଯିବ। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ପାଇଁ ତାଙ୍କୁ ପୁଲିସ୍ ରିମାଣ୍ଡରେ ମଧ୍ୟ ଆଣିପାରେ। ଏହାକୁ ମିଶାଇ ଓଡ଼ିଆ ଛାତ୍ରୀଙ୍କୁ ଦୁଷ୍କର୍ମ ଘଟଣାରେ ଗିରଫ ସଂଖ୍ୟା ୬କୁ ବୃଦ୍ଧି ପାଇଛି।

ଘଟଣା ପରେ ପୀଡ଼ିତାଙ୍କ ବାପା ରୁଜୁ କରିଥିବା ଅଭିଯୋଗରେ ପୁରୁଷ ବନ୍ଧୁଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଥିଲେ। ପ୍ରଥମେ ପୁଲିସ୍ ତାଙ୍କୁ ଅଟକ ରଖିଥିଲା ୧୬୪ ଧାରା ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ବେଳେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଥିଲା। ସେ ପୁରୁଷ ବନ୍ଧୁଙ୍କ ସହ ଡିନର କରିବାକୁ ବାହାରୁକୁ ଯାଇଥିଲେ। ଏହି ସମୟରେ ପୁରୁଷ ବନ୍ଧୁ ଜଣଙ୍କ ତାଙ୍କୁ ଦୁଷ୍କର୍ମ କରିଥିବା ଜଣାପଡ଼ିବା ପରେ ଏପରି ଗିରଫଦାରୀ କରାଯାଇଛି। ଅସନସୋଲ-ଦୁର୍ଗାପୁର ପୁଲିସ୍ କମିଶନର ସୁନୀଲ କୁମାର ଚୌଧୁରୀ କହିଛନ୍ତି, ତଦନ୍ତ ଚାଲିଛି ଓ ବିଭିନ୍ନ ପର୍ଯ୍ୟାୟରେ ଅଭିଯୁକ୍ତଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିଛି। ପୀଡ଼ିତାଙ୍କ ମୋବାଇଲ ଫୋନ ଜବତ ହୋଇଛି। ଆମେ ପୀଡ଼ିତାଙ୍କ ବନ୍ଧୁଙ୍କ ଉପସ୍ଥିତି ଓ ପୋଷାକ ସଂଗ୍ରହ କରିଛୁ। ଆମ ଟିମ ପୀଡ଼ିତାଙ୍କ ବନ୍ଧୁଙ୍କୁ ଧରି ଘଟଣା ସ୍ଥଳରେ ଯାଞ୍ଚ କରିଛି। ପୂରା



ଘଟଣାର ରିକ୍ରିଏସନ କରାଯାଇଛି।

ପୀଡ଼ିତାଙ୍କ ବିବୃତି ଓ ପ୍ରାରମ୍ଭିକ ପ୍ରମାଣରୁ ସ୍ପଷ୍ଟ ହୋଇଛି ଯେ ଯୌନ ନିର୍ଯାତନାରେ କେବଳ ଜଣେ ଯୁବକ ସାମିଲ ରହିଛନ୍ତି। ଫରେନସିକ ଓ ମେଡିକାଲ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ଭୂମିକା ସନ୍ଦେହ ଘେରରେ ଥିଲା ବୋଲି ସେ କହିଛନ୍ତି।

ଗିରଫଦାରୀ ପୂର୍ବରୁ ପୁରୁଷ ବନ୍ଧୁଙ୍କୁ ପୁଲିସ ଅଟକ ରଖି ଘନଘନ ଜେରା କରିଥିଲା। ଏପରି କି ଘଟଣା ସ୍ଥଳକୁ ନେଇ ଛାନଭିନ କରିଥିଲା। ପୂର୍ବରୁ ଗିରଫ ହୋଇଥିବା ଅନ୍ୟ ୫ ଜଣଙ୍କୁ ନେଇ ପୁଲିସ୍ ଆଜି ସିନ ରିକ୍ରିଏସନ ମଧ୍ୟ କରିଥିଲା। ଏସବୁ ପରେ ସନ୍ଧ୍ୟା ବେଳେ ପୁରୁଷ ବନ୍ଧୁଙ୍କୁ ଗିରଫ କରାଯାଇଛି।

ପଶ୍ଚିମବଙ୍ଗର ଦୁର୍ଗାପୁର ଠାରେ ଥିବା ଘରୋଇ ମେଡିକାଲ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀ ହେଉଛନ୍ତି ପୀଡ଼ିତା ତାଙ୍କ ଘର ଓଡ଼ିଶାର ଜଳେଶ୍ୱର ଅଞ୍ଚଳରେ। କିନ୍ତୁ ଶୁକ୍ରବାର ସନ୍ଧ୍ୟାରେ ସେ ପଢୁଥିବା ମେଡିକାଲ କଲେଜ ନିକଟରେ ତାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା। ପୁଲିସ ମଧ୍ୟ ଏହାକୁ ଗଣଦୁଷ୍କର୍ମ ମାମଲା ଭାବେ ବିବେଚନା କରିଥିଲା। କିନ୍ତୁ ଆଜି ସନ୍ଧ୍ୟାରେ ପଶ୍ଚିମବଙ୍ଗ ପୁଲିସ୍ ଗଣଦୁଷ୍କର୍ମକୁ ଦୁଷ୍କର୍ମ ବୋଲି କହିଛି। ଅନ୍ୟପକ୍ଷରେ ଘଟଣା ପରେ ଗୁରୁତର ହୋଇପଡ଼ିଥିବା ପୀଡ଼ିତାଙ୍କ ଚିକିତ୍ସା ଏବେ ହସ୍ପିଟାଲରେ ଚାଲିଛି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପୀଡ଼ିତା ଜଣଙ୍କ କହିଛନ୍ତି ଯେ ଆମେ(ପୁରୁଷ ବନ୍ଧୁ) ଦେଖିବାକୁ ପାଇଥିଲୁ ଯେ କିଛି ଯୁବକ ସେମାନଙ୍କ ଗାଡ଼ି ଛାଡ଼ି ଆମ ଅଡ଼େକୁ ଆସୁଛନ୍ତି। ଏହାକୁ ଦେଖି ମୁଁ ଓ ମୋର ପୁରୁଷ ବନ୍ଧୁ ଜଙ୍ଗଲ ଆଡ଼କୁ ଦୌଡ଼ିଥିଲୁ। ଏହାପରେ ୩ ଜଣ ଯୁବକ ଆମ ପିଛା କରିଥିଲେ। ସେମାନେ ମୋତେ ଧରିବା ସହ ଜଙ୍ଗଲ ଭିତରକୁ ଘୋଷାଡ଼ିନେଇଥିଲେ। ସେମାନେ ମୋତେ ପଛ ପଟୁ ଜାବୁଡ଼ି ଧରି ମୋ ଫୋନ ଛଡ଼ାଇ ନେଇଥିଲେ। ଏହାପରେ ମୋ ପୁରୁଷ ବନ୍ଧୁଙ୍କୁ କଲ କରିବାକୁ କହିଥିଲେ। ହେଲେ ମୋ ବନ୍ଧୁ ଅସେ ନଥିଲେ। ସେ ନ ଆସିବାରୁ ଯୁବକମାନେ ମୋତେ ଜଙ୍ଗଲ ଭିତରକୁ ନେଇ ତଳେ ପକାଇ ଦେଇଥିଲେ। ମୁଁ ଚିତ୍କାର କରିବାରୁ ସେମାନେ ମୋତେ ଚୁପ ରହିବାକୁ ଧମକ ଦେଇଥିଲେ। ଯଦି ମୁଁ ଚୁପ ନ ରହିବି, ତାହେଲେ ସେମାନେ ଆଉ କିଛି ଯୁବକଙ୍କୁ ଡାକିବେ ବୋଲି ଚେତାବନୀ ଦେଇଥିଲେ। ସେମାନେ ମଧ୍ୟ ମୋ ସହ ଖରାପ କାମ କରିବେ ବୋଲି ସତର୍କ କରାଇଥିଲେ। ତେଣୁ ଅମେକୁ ଚୁପ ଚାପ ଆମ କାମ କରିବାକୁ ଦେ ବୋଲି ସେମାନେ କହିଥିଲେ ।

# ସାନଘାଗରରେ ହେବ ମୁଖ୍ୟମନ୍ତ୍ରୀଙ୍କ ମାନସ ପ୍ରକଳ୍ପ

**ଭୁବନେଶ୍ୱର,୧୪।୧୦(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ ଠାରେ କେନ୍ଦୁଝର ସାନଘାଗରାରେ ପ୍ରତିଷ୍ଠା ହେବାକୁ ଥିବା ନୂତନ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ବିଷୟରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ କେନ୍ଦୁଝର ପ୍ରଶାସନ ସହ ଆଲୋଚନା କରିଛନ୍ତି।



୨୦୨୭ ସୁଦ୍ଧା ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର

ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରକଳ୍ପ ଭାବେ ବିକଶିତ ହେବାକୁ ଥିବା ଏହି କେନ୍ଦ୍ର ଓଡିଶାର ଦ୍ୱିତୀୟ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ଭାବେ ସାନଘାଗରା ଠାରେ ପ୍ରାୟ ୧୩୪ ଏକର ପରିମିତ ଅଞ୍ଚଳରେ ପ୍ରତିଷ୍ଠା ହେବ।ଉକ୍ତ ବୈଠକରୁ ଜଣାପଡିଛି ଯେ, ଏହି କେନ୍ଦ୍ର, ଜୈବ ବିବିଧତା ସଂରକ୍ଷଣ, କମ୍ୟୁନିଟି ସେଣ୍ଟର, ଇକୋ-ଟୁରିଜିମ ଏବଂ ଗବେଷଣା ଓ ଶିକ୍ଷା ର ବିକାଶ ପାଇଁ ନିର୍ମାଣ କରାଯିବ। ଏହି ସ୍ଥାନଟି ପ୍ରାକୃତିକ ଅଭିଜ୍ଞତା ଏବଂ ଥିମାଟିକ ଗାର୍ଡେନର ଅନୁଭୂତି ପ୍ରଦାନ କରିବ। ଏହି କେନ୍ଦ୍ରରେ ଓଡ଼ିଶାରେ ଥିବା ବିଭିନ୍ନ ପ୍ରଜାତିର ଅର୍କିଡ଼ ଉପଲବ୍ଧ ହେବା ସହିତ ଗୋଲାପ, ବାଉଁଶ, କାକଟସ, ଜଙ୍ଗଲୀ ଫଳ ଇତ୍ୟାଦି ମଧ୍ୟ ସ୍ଥାନିତ ହୋଇ ଅଞ୍ଚଳର ଶୋଭା ମଣ୍ଡନ କରିବ। ଏହି ଅଂଚଳକୁ ବିଶେଷ ପର୍ଯ୍ୟଟନ ସ୍ଥଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ବର୍ଷ ତମାମ ପର୍ଯ୍ୟଟକ ଓ ଜନସାଧାରଣଙ୍କ ପାଇଁ ଖୋଲା ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅଂଚଳରେ ହାତୀ ଉପଦ୍ରବ ଅଧିକ ରହୁଥିବାରୁ ଜିଲ୍ଲା ପ୍ରଶାସନକୁ ମଧ୍ୟ ଏହାର ଉଚିତ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଡିପ୍ ଟ୍ରେଞ୍ଚେସ୍ ଦ୍ୱାରା ମଣିଷ-ହାତୀଙ୍କର ସଂଘର୍ଷକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ। ଏହି ନୂତନ ନିର୍ମାଣ ଯୋଗୁଁ ସେହି ସ୍ଥାନ ଦେଇ ବହି ଯାଉଥିବା ମାଛକାନ୍ଦଣା ନଦୀର ଜଳ ଯେପରି ସବୁବେଳେ ଭରପୁର ରୁହେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି କେନ୍ଦ୍ରରେ ଅର୍କିଡ୍ ସଂରକ୍ଷଣ ଏବଂ ପ୍ରଦର୍ଶନ କେନ୍ଦ୍ର, ପଦ୍ମ ଉଦ୍ୟାନ, ଜଙ୍ଗଲୀ ଖାଦ୍ୟଯୋଗ୍ୟ ଫଳ ଉଦ୍ୟାନ, ଫର୍ଣ୍ଣ ଉଦ୍ୟାନ, ଔଷଧୀୟ ଉଦ୍ଭିଦ ଉଦ୍ୟାନ, ଫୁଲ ବଜାର, ଛୋଟ ପିଲାଙ୍କ ଖେଳ ସ୍ଥାନନିର୍ମାଣ ହେବା ସହିତ ସମସ୍ତ ଆସବାବପତ୍ର ପାଇଁ ସ୍ଥାନୀୟ ପଥର ଏବଂ କାଠର ବ୍ୟବହାର କରାଯିବ ଏହି ନିର୍ମାଣ କାର୍ଯ୍ୟ ୨୦୨୭ ସୁଦ୍ଧା ସମାପ୍ତ ହେବ ବୋଲି ଆଲୋଚନାରୁ ଜଣାପଡିଛି। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଆଭାସୀ ମାଧ୍ୟମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଓ କେନ୍ଦୁଝର ଧନରାଜ ହନୁମନ୍ତ ଧାମଡେରେ ପ୍ରମୁଖ ଉପସ୍ଥିତ ଥିଲେ।

## ଫେକ୍ ୱେବସାଇଟ୍ ମାୟାରେ କୋଟିଏ ଟଙ୍କା ହରାଇଲେ

**ରାଇରଙ୍ଗପୁର,୧୪।୧୦ (ମହାଭାରତ):** ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳରେ ବଡ଼ଧରଣର ଅନଲାଇନ୍ ଠକେଇ ସାମନାକୁ ଆସିଛି। ଏହି ଅଞ୍ଚଳରେ ହଜାର ହଜାର ଲୋକଙ୍କ କୋଟିଏ ଟଙ୍କାରୁ ଅଧିକ ଉଡ଼ିଯାଇଛି। କିଛି ଲୋକ ଅଧିକ ଲୋଭରେ ତଳିତଳାନ୍ତ ହୋଇ ଯାଇଛନ୍ତି। 'ଆଇଏଚଜି' ନାଁରେ ଏକ ନକଲି ୱେବ୍ସାଇଟ୍ ଜରିଆରେ ଏହି ଠକେଇ ହୋଇଥିବା ଚର୍ଚ୍ଚା ହେଉଛି। ଏକ ଠକ କମ୍ପାନି 'ଆଇଏଚଜି' ନାମରେ ନକଲି ଏକ ୱେବସାଇଟ୍ ଖୋଲି କାରବାର ଆରମ୍ଭ କରିଥିଲା। ବେଙ୍ଗାଲୁରୁର ଜଣେ ଯୁବକଙ୍କ ଜରିଆରେ ଓଡ଼ିଶାର କିଛି ଯୁବକ ପ୍ରଥମେ ଏହି ସାଇଟର ପ୍ରଚାର ଆରମ୍ଭ କରିଥିଲେ। ତାଙ୍କଠାରୁ ଏହି ଅଞ୍ଚଳକୁ ଚେନ୍ ମାର୍କେଟିଂ ଭଳି ବ୍ୟାପି ଯାଇଥିଲା। ହ୍ୱାଟସ୍ଆପ୍ ଏବଂ ଅନ୍ୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ବ୍ୟାପକ ଭାବେ ପ୍ରଚାରିତ ହେବା ସହ ମାସ କେଇଟା ଭିତରେ ସହରର ହଜାର ହଜାର ଲୋକ ଏଥିରେ ଯୋଡ଼ି ହୋଇଥିଲେ। ସାଇବର୍ ଠକେଇର ଶିକାର ହୋଇଥିବା ଜଣେ ବ୍ୟକ୍ତିଙ୍କ କହିବା ଅନୁଯାୟୀ ପ୍ରଥମେ କିଛି ଟଙ୍କା ନେଇ ଲୋକଙ୍କୁ ଯୋଡ଼ା ଯାଉଥିଲା।

## ଜୀବନ୍ତ ଜଳିଗଲେ ୨୦ ଯାତ୍ରୀ

ଜୟପୁର,୧୪।୧୦: ଆଜି ରାଜସ୍ଥାନର ଜୈସଲମେରରେ ଏକ ଭୟଙ୍କର ଅଘଟଣ ଘଟିଛି। ଏକ ଯାତ୍ରୀବାହୀ ବସ୍‌ରେ ନିଆଁ ଲାଗିଯିବା ୨୦ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ତିନି ଜଣ ଶିଶୁ ଏବଂ ୪ ଜଣ ମହିଳା ଅନ୍ତର୍ଭୁକ୍ତ। ନିଆଁ ଏତେ ଭୟଙ୍କର ଥିଲା ଯେ, ଅଧିକାଂଶ ଲୋକ ବାହାରକୁ ଆସି ପାରି ନଥିଲେ। ଜୈସଲମେରରୁ ଯୋଧପୁର ଯାଉଥିବା ବସ୍‌ଟି ୫୭ଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିଲା। ସହରରେ ଥିବା ଯୁଦ୍ଧ ସଂଗ୍ରହାଳୟ ନିକଟରେ ଏହି ଦୁର୍ଘଟଣା ଘଟିଛି। ନିଆଁ ଲାଗିବାର ଅଳ୍ପ କିଛି ସମୟ ମଧ୍ୟରେ ବସଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ସୂଚନା ପାଇବା ପରେ ପୁଲିସ, ପ୍ରଶାସନ ଏବଂ ସେନା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଲେ। ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ସେନା ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ବାହାର କରିବାରେ ସାହାଯ୍ୟ କରିଥିଲା। ଆହତ ଯାତ୍ରୀମାନଙ୍କୁ ତିନୋଟି ଆମ୍ବୁଲାନ୍ସରେ ଜବାହାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ସେମାନଙ୍କର ଚିକିତ୍ସା କରାଯାଉଛି। ଏପର୍ଯ୍ୟନ୍ତ ୧୫ ଜଣ ଆହତଙ୍କୁ ଭର୍ତ୍ତି କରାଯାଇଛି, ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଯୋଧପୁର ରେଫର କରାଯାଇଛି । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଖୁବଶୀଘ୍ର ଘଟଣାସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ବିରୋଧୀ ଦଳ ନେତା ଟୀକରାମ ଜୁଲି ସରକାରଙ୍କୁ ସମାଲୋଚନା କରିଛନ୍ତି । ଅଗ୍ନିଶମ ଅଧିକାରୀ କୃଷ୍ଣପାଲ ସିଂହ ରାଠୋରଙ୍କ ଅନୁଯାୟୀ, ଅଗ୍ନିଶମ ବାହିନୀ ପହଞ୍ଚିବା ସମୟରେ ବସ୍‌ଟି ଜଳିଯାଇଥିଲା।



## ବିପୁଳ ମାଓ ସାମଗ୍ରୀ ଓ ବିସ୍ଫୋରକ ଜବତ

**ମାଲକାନଗିରି,୧୪।୧୦ (ମହାଭାରତ):** ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲଙ୍କ ଡମ୍ପକୁ ସିଆରପିଏଫ୍ ଏବଂ କୋବ୍ରା ଯବାନ ଉଦ୍ଧାର କରିଛନ୍ତି। ବିଜାପୁର ଜିଲ୍ଲାର ତାଡପାଲ ଜଂଗଲରେ ଜିଲ୍ଲା ପୁଲିସ ସହ ସିଆରପିଏଫ୍, କୋବ୍ରା ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏକ ବଡ଼ଧରଣର ମାଓ ଡମ୍ପକୁ ଉଦ୍ଧାର କରିଥିଲେ। ନକ୍ସଲ ଡମ୍ପ କରି ଏଠାରେ ୫୧ଟି ଜୀବନ୍ତ ବିଜିଏଲ, ୧୦୦ ବଣ୍ଡଲ ବିଦ୍ୟୁତ ତାର, ୫୦ଟି ଷ୍ଟିଲ ପାଇପ, ୨୦ଟି ଲୁହାର ସିଟ, ୪୦ଟି ପ୍ଲେଟ, ୫ଟି ପ୍ରେସର ବୋମା ସମେତ ଆହୁରି ବହୁ ପରିମାଣର ମାଓ ସାମଗ୍ରୀ ଲୁଚାଇ ରଖିଥିଲେ। ଯବାନ ତୁରନ୍ତ ସମସ୍ତ ସାମଗ୍ରୀକୁ ଉଦ୍ଧାର କରି ପୁଲିସ ଜିମାରେ ଦେଇଛନ୍ତି। ଏତେ ବଡ଼ ଡମ୍ପକୁ ଉଦ୍ଧାର କରିବା ପରେ ନକ୍ସଲଙ୍କୁ ବଡ଼ ଝଟକା ଲାଗିଛି। ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଏଠାରେ ଏହି ବିସ୍ଫୋରକ ଓ ବୋମା ଲୁଚାଇ ରଖିଥିବା କଥା ପୁଲିସ କହିଛି। ତେବେ ଏକ ବଡ଼ ଆକ୍ରମଣକୁ ଯବାନ ପଣ୍ଡ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯବାନ ଏହି ଅଂଚଳକୁ ଘେରି ସର୍ଚ୍ଚ ଅପରେସନକୁ ଜୋରଦାର କରୁଥିବା ପୁଲିସ କହିଛି।



# ୧୦ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ

**ଭୁବନେଶ୍ୱର,୧୪।୧୦(ମହାଭାରତ):** ଓଡିଶା ସରକାରଙ୍କ ଏକ ଅବିଚ୍ଛେଦ୍ୟ ଅଙ୍ଗ, ଆଭ୍ୟନ୍ତରୀଣ ଅଡିଟ୍, ଓଡ଼ିଶା ସଚିବାଳୟର ୨୮ଟି ପ୍ରଶାସନିକ ବିଭାଗରେ କାର୍ଯ୍ୟ କରୁଛି । ଏହା ପବ୍ଲିକ ମନିର ପ୍ରହରୀ ଭାବରେ କାର୍ଯ୍ୟ କରେ ଏବଂ ରାଜ୍ୟ ମଧ୍ୟରେ ଟଙ୍କାର ଅପବ୍ୟବହାର ଓ ଆତ୍ମସାତ ସମେତ ଆର୍ଥିକ ଅନିୟମିତତା ରିପୋର୍ଟ ପ୍ରଦାନ କରେ। ସମାନତା, ବୃତିଗତ ତଦାରଖ ଏବଂ ସାଧାରଣ ଖର୍ଚ୍ଚର ତଦାରଖ ସୁନିଶ୍ଚିତ କରିବା ପାଇଁ ସମସ୍ତ ଆଭ୍ୟନ୍ତରୀଣ ଅଡିଟ୍ କର୍ମଚାରୀଙ୍କୁ ଅର୍ଥ ବିଭାଗ ଅଧୀନରେ କେନ୍ଦ୍ରୀଭୂତ କରାଯାଇଛି।

ବର୍ତ୍ତମାନର ସରକାର ଆହୁରି ୧୦ ଗୋଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରି ରାଜ୍ୟରେ ଆଭ୍ୟନ୍ତରୀଣ ଅଡିଟ୍ ସୁଦୃଢ଼ କରିବାରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଅର୍ଥ ବିଭାଗ ୦୯ ଅକ୍ଟୋବର ୨୦୨୫ ରେ ୨୮ଟି ବିଭାଗରେ ବର୍ତମାନର ମଞ୍ଜୁରୀପ୍ରାପ୍ତ ୫୧୦ ଜଣଙ୍କ ସଂଖ୍ୟାକୁ ଯୁକ୍ତିଯୁକ୍ତ ଭାବରେ ବିଭକ୍ତ କରି ୮୫ ଜଣ ଅଡିଟ୍ କର୍ମଚାରୀଙ୍କ ସହିତ ଆଉ ୧୦ଟି ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରିଛି। ନୂତନ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗଗୁଡ଼ିକ ନିରନ୍ତର ସମୀକ୍ଷା ଓ ଅନୁପାଳନ ଯାଂଚ ମାଧ୍ୟମରେ ଆର୍ଥିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଶୀଘ୍ର ବିପଦ ଚିହ୍ନଟ କରିବା ଏବଂ ଅଡିଟ୍ ଆପତି ହ୍ରାସ କରିବାରେ ସାହାଯ୍ୟ କରିବ। ଯେଉଁ ୧୦ଟି ଅଧିକ ବିଭାଗରେ ଆଭ୍ୟନ୍ତରୀଣ ଅଡିଟ୍ ୱିଙ୍ଗ ସୃଷ୍ଟି କରାଯାଇଛି ସେଗୁଡ଼ିକ ହେଉଛି ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଶକ୍ତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଇଲେକ୍ଟ୍ରୋନିସ ଏବଂ ସୂଚନା ପ୍ରଯୁକ୍ତି, ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ, ଶିଳ୍ପ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ। ସରକାରଙ୍କ ଏହି ପଦକ୍ଷେପ ସହିତ, ଆଭ୍ୟନ୍ତରୀଣ ଅଡିଟ୍ ଏବେଠାରୁ ୩୮ଟି ବିଭାଗରେ କାର୍ଯ୍ୟ କରିବ। ଏହି ପଦକ୍ଷେପ ସ୍ୱଚ୍ଛତାକୁ ସାଂଗଠନିକ କରିବା, ଆର୍ଥିକ ବିଚକ୍ଷଣତାକୁ ଉନ୍ନତ କରିବା ଏବଂ ସରକାରୀ ପାଣ୍ଠିର ଉତ୍ତମ ବ୍ୟବହାର ସୁନିଶ୍ଚିତ କରିବା, ସୁଶାସନ ଏବଂ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ପରିଚାଳନା ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସାବ୍ୟସ୍ତ ହେବ।

## ବେସନ ଲଡୁ

ସାମଗ୍ରୀ: ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

ପ୍ରଣାଳୀ: ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିଣ୍ଡା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।



### ····· ପରଦା ଖବର ·····

# ‘ଦ ପାରାଡାଇଜ’ ରେ ନଜର ଆସିବେ,ରାଘବ ଜୁୟାଲ





ବଲିଉଡ ପରେ ସାଉଥ ଇଣ୍ଡଷ୍ଟ୍ରିରେ ଏବେ ନିଜର ଜଲୱା ଦେଖାଇବାକୁ ଯାଉଛନ୍ତି ରାଘବୟ ସେ ସାଉଥ ଫିଲ୍ମ ଦ ପାରାଡାଇଜ୍ ରେ ଅଭିନୟ କରିବାକୁ ଯାଉଛନ୍ତି। ସେ ଏହି ଫିଲ୍ମରେ ତେଲୁଗୁ ସୁପରଷ୍ଟାର ନାନିଙ୍କ ସହ ନଜର ଆସିବେ । ନେଗେଟିଭ ରୋଲରେ ରାଘବଙ୍କୁ ଫିଲ୍ମରେ ଦେଖିବାକୁ ମିଳିବ। ଏହି ଫିଲ୍ମଟି ଭାରତୀୟ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ଯାହା ସ୍ପାନିସ୍ ସମେତ ବହୁ-ଭାଷା ମୁକ୍ତିଲାଭ କରୁଛି । ‘ଦଶରା’ ଫେମ୍ ଶ୍ରୀକାନ୍ତ ଓଡେଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଦର୍ଶକଙ୍କୁ ଏକ ରୋମା□କର ଏବଂ ବିଶ୍ୱସ୍ତରୀୟ ସିନେମା ଅଭିଜ୍ଞତା ଦେବାକୁ ପ୍ରତିଶ୍ରୁତି ଦେଇଛି ।ଫିଲ୍ମକୁ ନେଇ ରାଘବ କହିଛନ୍ତି, ମୋର ପରବର୍ତ୍ତୀ ଚଳଚ୍ଚିତ୍ର ଦ ପାରାଡାଇଜ୍ ରେ ମୋତେ ନାନିଙ୍କ ସହ ଦେଖନ୍ତୁ । ନାନି, ଜଣେ ନ୍ୟାଚୁରାଲ ଷ୍ଟାର, ମୁଁ ତାଙ୍କ ସହ କାମ କରିବାକୁ ବହୁତ ଭାଗ୍ୟବାନ ମନେ କରୁଛି। ଏହା ସ୍ପାନିସ୍, ତେଲୁଗୁ ଏବଂ ହିନ୍ଦୀରେ ମୁକ୍ତିଲାଭ କରୁଛି । ଶ୍ରୀକାନ୍ତ ଓଡେଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ନାଚୁରାଲ ଷ୍ଟାର ନାନି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ଯିଏ ପୁଣିଥରେ ତାଙ୍କର ଅନନ୍ୟ ସ୍କ୍ରିନ୍ ଉପସ୍ଥିତି ସହିତ ଦର୍ଶକଙ୍କୁ ଆକର୍ଷିତ କରିବାକୁ ପ୍ରସ୍ତୁତ । ଫିଲ୍ମର ସଙ୍ଗୀତ ପ୍ରଖ୍ୟାତ ସଂଗୀତଜ୍ଞ ଅନିରୁଦ୍ଧ ରବିଚନ୍ଦ୍ରଙ୍କ ଦ୍ୱାରା ରଚିତ ୟ ପ୍ରୋଜେକ୍ଟ ଟିମ୍ରେ ସିନେମାଟୋଗ୍ରାଫର ସି.ଏଚ୍. ସାଇ, ସମ୍ପାଦକ ନବୀନ ନୁଲି ଏବଂ ପ୍ରଡକ୍ସନ୍ ଡିଜାଇନର୍ ଅଭିନାଶ କୋଲ୍ଲାଙ୍କ ଭଳି ପ୍ରମୁଖ ନାମ ଅନ୍ତର୍ଭୁକ୍ତ । ଏସଏଲଭି ସିନେମା ଦ୍ୱାରା ନିର୍ମିତ, ଦି ପାରାଡାଇଜ୍ ୨୬ ମାର୍ଚ୍ଚ, ୨୦୨୬ରେ ସିନେମା ହଲରେ ମୁକ୍ତିଲାଭ କରିବୟ ଏହି ଚଳଚ୍ଚିତ୍ରଟି ୮ ଟି ଭାଷାରେ ମୁକ୍ତିଲାଭ କରିବ।

## ଏହିସବୁ ରଙ୍ଗ ଘରକୁ ଦେଇଥାଏ ବଢିଆ ଲୁକ୍



ଘରର ବାହାରର ରଙ୍ଗ ପାଇଁ ଅନେକ ଲୋକ ଅନ୍ୟମାନଙ୍କ ପରାମର୍ଶ ନିଅଁ । କିଂୁ ଅନେକ ଘରର ଭିତରର ରଙ୍ଗକୁ ଏତେ ଧ୍ୟାନ ଦିଅଁ ନାହିଁ । ତେବେ ରଙ୍ଗ ବାଛି ନଜାଣିଲେ ଯେତେ ସୁନ୍ଦର ଡିଜାଇନରର ଘର ହୋଇଥିଲେ ବି ତାହା ଆଖିକୁ ଭଲ ଦିଶେ ନାହିଁ । ଘରର ଭିତରର ରଙ୍ଗ ପାଇଁ କେହି କେହି କଲର ଡିଜାଇନରଙ୍କ ପରାମର୍ଶ ନିଅଁ । ତେବେ ସେମାନଙ୍କ ବିନା ସହାୟତାରେ ମଧ୍ୟ ଆପଣ ଘର ପାଇଁ ସଠିକ୍ ରଙ୍ଗ ବାଛି ପାରିବେ । ତା’ହେଲେ ଆସଂୁ ଜାଣିବା ଘରର କେଉଁ ରୁମରେ କେଉଁ ରଙ୍ଗ ଦେବା ଉଚିତ୍ ।

୧- ରୋଷେଇ ଘରେ ଲାଲ କିମ୍ବା କମଳା ରଙ୍ଗ କରଂୁ ।

୨- ବାଥରୁମରେ ଧଳା କିମ୍ବା ହାଲକା ନୀଳ ରଙ୍ଗ କରଂୁ ।

୩- ଗେଷ୍ଟଙ୍କ ପାଇଁ ଡ୍ରଇଂ ରୁମ୍ ଆକର୍ଷଣୀୟ ହେବା ଆବଶ୍ୟକ । ଏଥିପାଇଁ ଡ୍ରଇଂ ରୁମ୍‌ରେ ସ୍କାଏ,କ୍ରୀମ୍ କିମ୍ବା ହାଲକା ରଙ୍ଗ କଲେ ମଡର୍ଣ୍ଣ ଲୁକ୍ ଦେଇଥାଏ ।

୪- ଠାକୁର ଘରେ ହଳଦିଆ କିମ୍ବା ହାଲକା ହଳଦିଆ ରଙ୍ଗ କଲେ ଭଲ ଲାଗିବ ॥

୫- ପିଲାଙ୍କ ପାଠପଢା ଘରକୁ ସବୁଜ ରଙ୍ଗ କରଂୁ ।

୬- ବେଡରମକୁ ଗୋଲାପୀ ରଙ୍ଗ, ଲାଇଟ୍ ଗ୍ରୀନ କିମ୍ବା କୌଣସି ହାଲକା ରଙ୍ଗ କରଂୁ ।

## ଘର କିମ୍ବା ଅଫିସ୍‌ରେ କିପରି ରଖିବେ ମାଛ ଆକ୍ୱାରିୟମ



ଘର କିମ୍ବା ଅଫିସରେ ଏପରି ରଖନ୍ତୁ ମାଛ ଆକ୍ୱାରିୟମ୍ ଘରେ କିମ୍ବା ଅଫିସରେ ମାଛ ଆକ୍ୱାରିୟମ୍ ରଖିବା ସମୟରେ କିଛି କଥା ପ୍ରତି ଧାନ ରଖିବା ଉଚିତ। ଏହାକୁ ଯଦି ଠିକ୍ ସ୍ଥାନ ଏବଂ ଦିଗରେ ରଖାଯିବ ତେବେ ଏହା ପରିବାର ଲୋକଙ୍କ ଖୁସିର କାରଣ ହୋଇପାରେ। ଆକ୍ୱାରିୟମ୍ ଭିତରେ ବୋହୁଥିବା ପାଣିର ଶବ୍ଦ ଘରେ ସକରାତ୍ମକ ଶକ୍ତିର ପ୍ରବାହ ଏବଂ ଖୁସିକୁ ମଧ ବଢ଼ାଇଥାଏ।

ଆକ୍ୱାରିୟମକୁ ପୂର୍ବ,ଉତ୍ତର ଏବଂ ପୂର୍ବ-ଉତ୍ତର ଦିଗରେ ରଖିବା ଶୁଭ ହୋଇଥାଏ। ଘରର ଉତ୍ତର ଭାଗ କ୍ୟାରିୟରର ପ୍ରତିନିଧିତ୍ୱ କରିଥାଏ ଏବଂ ପୂର୍ବ ଭାଗ ସୁଖକୁ ଦର୍ଶାଇଥାଏ। ଦାମ୍ପତ୍ୟ ଜୀବନରେ ପାରସ୍ପରିକ ପ୍ରେମ ବଜାୟ ରଖିବା ପାଇଁ ଏହାକୁ ମୁଖ୍ୟ ଦ୍ୱାରର ବାମ ପାର୍ଶ୍ୱରେ ରଖିବା ଉଚିତ। ତେଣୁ ଏହାକୁ ଡାହାଣ ପାର୍ଶ୍ୱରେ ରଖିବା ଦ୍ୱାରା ଘରର ପୁରୁଷଙ୍କ ମନ ଚଞ୍ଚଳ ହୋଇଥାଏ।

ମାଛ ଆକ୍ୱରିୟମକୁ ରୋଷେଇ ଘର କିମ୍ବା ବେଡରୁମରେ ରଖିବା ଅନୁଚିତ। ଏହି ସ୍ଥାନରେ ଆକ୍ୱରିୟମ୍ ରଖିବା ଦ୍ୱାରା ନାକାରାତ୍ମକ ଶକ୍ତି ବ୍ୟାପିଥାଏ।

ଆକ୍ୱାରିୟମ୍ ଭିତରେ ସମସ୍ତ ୫ଟି ତତ୍ତ୍ୱ ସନ୍ତୁଳନ ସହ ରହିଛି। ଯେତେବେଳେ ଏହି ୫ଟି ତତ୍ତ୍ୱ ପରସ୍ପର ସହ ମିଶିଥାଏ ତେବେ ଏହି ଶକ୍ତିକୁ ପ୍ରବାହିତ କରିଥାଏ।

ଆକ୍ୱାରିୟମ୍ ଭିତରେ ଏକ କଳା ମାଛ ଏବଂ ୮-୯ଟି ନାରଙ୍ଗୀ ମାଛ ରହିବା ଉଚିତ।

ଆକ୍ୱାରିୟମର କୌଣସି ମାଛ ମରିଯାଇଥିଲେ ଏହାକୁ ଶୀଘ୍ର ହଟାଇ ତାହା ସ୍ଥାନରେ ନୂଆ ମାଛକୁ ଫିଶ ଟ୍ୟାଙ୍କରେ ପକାନ୍ତୁ।

# ବାବା ଗୋରେଖନାଥଙ୍କ ପୀଠ



ବାବା ଗୋରେଖନାଥ। ଜଗତସିଂହପୁର ଜିଲ୍ଲା ଛପଡା ପଞ୍ଚାୟତର କେରେକେରା ଗାଁରେ ବିଦ୍ୟମାନ ବାବା ଗୋରେଖନାଥ। ପ୍ରଭୁଙ୍କର ଅପାର ମହିମା। ପ୍ରଭୁଙ୍କ କରୁଣାରୁ ସର୍ପ ବିଷ ନାଶନ ଓ ଗୋ-ରୋଗ ନିରାକରଣ ହୋଇଥାଏ ବୋଲି ଯୁଗ ଯୁଗରୁ ବିଶ୍ୱାସ ରହିଆସିଛି। ସେଥିପାଇଁ ଏହି ପୀଠକୁ ହଜାର ହଜାର ଭକ୍ତ ଧାଇଁ ଆସନ୍ତି। ପୂର୍ବରୁ ଏହି ପୀଠ ଜଗତସିଂହପୁରର ହରିନାଥଙ୍କ ଗାଦି ଦ୍ୱାରା ପରିଚାଳିତ ହେଉଥିଲା। ନାଥଧର୍ମର ପତନ ପରେ ଏହା ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ଏବେ ଏହା ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହେଉଛି। ବରଗଛ ମୂଳରେ ଗାଦି ରହିଥିଲା। ମନ୍ଦିର ନଥିଲା। ୧୯୯୯ ମହାବାତ୍ୟା ପରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ନିର୍ମାଣ ହୋଇଛି ଭବ୍ୟ ମନ୍ଦିର। ଗୋରେକନାଥଙ୍କ ପୀଠରେ ବିଭିନ୍ନ ମଠଗାଦି, ଧୁନିକୁଣ୍ଡ, ଦେବମନ୍ଦିର ଥିବାରୁ ଏହି କ୍ଷେତ୍ର ବେଶ୍ ପ୍ରସିଦ୍ଧ। ଶାରଳା ସାହିତ୍ୟରେ ଗୋରେଖନାଥଙ୍କ ବିଷୟରେ ବହୁ ବର୍ଣ୍ଣନା କରାଯାଇଛି। ଏହି ପୀଠରେ ସନ୍ନ୍ୟାସୀ ଗୋରେଖନାଥ ଅବସ୍ଥାନ କରିବା ସମୟରେ ଓଡ଼ିଆ ନାଥ ସାହିତ୍ୟ ରଚନା କରିଥିଲେ। ମହାଭାରତରେ ବର୍ଣ୍ଣିତ ଅଛି ଗୋରେଖନାଥଙ୍କ କୃପାରୁ ଅର୍ଜୁନ ଗୋରେଖ ଗାରେଡି ମନ୍ତ୍ର ସିଦ୍ଧି ଲାଭ କରି ସର୍ପାଘାତରୁ ପୁଅ ଅଭିମନ୍ୟୁଙ୍କୁ ରକ୍ଷା କରିଥିଲେ।୭ମ ଶତାବ୍ଦୀରେ ସନ୍ନ୍ୟାସୀ ଗୋରେଖନାଥ ଜମ୍ବୁଦ୍ୱୀପର କଦଳୀବଣରୁ ଫେରିବା ସମୟରେ ସାଧୁ ମଚେନ୍ଦ୍ରନାଥଙ୍କ ସହ ଭେଟ ହୋଇଥିଲା। ସାଧୁ ମଚେନ୍ଦ୍ରନାଥଙ୍କ ଅନୁରୋଧରେ କେରେକେରାରେ ଥିବା ବଟବୃକ୍ଷ ମୂଳରେ ଗାଦି ସ୍ଥାପନ କରି ସନ୍ନ୍ୟାସୀ ଗୋରେଖନାଥ ତପସ୍ୟା କରିଥିଲେ। ସେ ଏକ ଧୁନି ସ୍ଥାପନ କରିଥିଲେ। ସେହି ଧୁନି ଆଜି ପର୍ଯ୍ୟନ୍ତ ଜଳି ଆସୁଛି। ଏହି ଧୁନିର ପାଉଁଶକୁ ବିଭୂତି କୁହାଯାଏ। ଏହି ବିଭୁତିକୁ ମୁଣ୍ଡରେ ମାରିଲେ ଓ ସେବନ କଲେ ସର୍ବୋଗ ଆରୋଗ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେବେ ସନ୍ନ୍ୟାସୀ ଗୋରେଖନାଥ ଏଠାରୁ ଯିବା ପରେ ତାଙ୍କ ଦ୍ୱାରା ସ୍ଥାପିତ ଗାଦିକୁ ଲୋକମାନେ ପୂଜା ଆରାଧନା କରିବାକୁ ଲାଗିଲେ। ପରେ ପୀଠର ନାମ ଗୋରେଖନାଥ ନାମିରେ ନାମିତ ହେଲା। ଏଠାରେ ଲିଙ୍ଗ ପୂଜା ପାଆନ୍ତି ନାହିଁ। ଗାଦି ପୂଜାପାଇ ଆସୁଛନ୍ତି। ଗୋରେଖନାଥ ପୀଠର ରହିଛି ଅଲୌକିକ ମହିମା । ସର୍ପାଘାତ ରୋଗୀମାନେ ଏଠାରେ ଅଧିଆ ପଡିଲେ ଭଲ ହୋଇଥାନ୍ତି। ଗୋପାଳକମାନେ ଗୋ ସମ୍ପଦର ସୁରକ୍ଷା ପାଇଁ ଗୋରେଖନାଥଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଗାଈ ଜନ୍ମ କଲାପରେ ପ୍ରଥମ କ୍ଷୀର ମହାପ୍ରଭୁ ଗୋରେଖନାଥଙ୍କ ନିକଟରେ ଅର୍ପଣ କରିଥାନ୍ତି। ସେହି କ୍ଷୀରରେ ପ୍ରଭୁଙ୍କ ନିକଟରେ ଖିରି ପ୍ରସ୍ତୁତ କରାଯାଇ ଆର୍ପଣ କରାଯାଇଥାଏ। ଯଦି ନୀତିକାନ୍ତିରେ କୌଣସି ତ୍ରୁଟି ଦେଖାଦିଏ ତେବେ ଏହି ପୀଠରେ ଏକାଧିକ ନାଗସାପ ବରଗଛ ଓହଳରେ ଝୁଲି ରୁହନ୍ତି। ବାର ମାସରେ ତେର ପର୍ବ ପାଳିତ ହୁଏ। ଏହା ସହ ବାବା ଗୋରେଖନାଥଙ୍କ ଜନ୍ମଦିନ ଅଗ୍ନି ଉତ୍ସବ ଦିନରେ ହିଁ ପାଳିତ ହୋଇଆସୁଛି।

## ତୁଳସୀ ଗଛ ଆଣିଥାଏ ସୁଖ-ସମୃଦ୍ଧି



ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ଗଛ ଲଗାଇବା ଦ୍ୱାରା ସାକରାତ୍ମକ ଶକ୍ତିର ସଞ୍ଚାର ହୋଇଥାଏ। ସେହିପରି ବାସ୍ତୁରେ ବିଭିନ୍ନ ଗଛଲତାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଥାଏ। ଯେପରି ତୁଳସୀ ଗଛ ବାସ୍ତୁ ଦୋଷ ଦୂର କରିଥାଏ। ଏଥିପାଇଁ ତୁଳସୀ ଗଛ ଘରର ସେହି ସ୍ଥାନରେ ନିଶ୍ଚୟ ରଖିବା ଉଚ୍ ଯେଉଁଠାରେ ବାସ୍ତୁ ଦୋଷ ରହିଥିବ। ଆସନ୍ତୁ ଜାଣିବା ତୁଳସୀ ଗଛ ସହ ଜଡ଼ିତ ବାସ୍ତୁ ଟିପ୍ସ।

ତୁଳସୀ ଗଛ ପାଇଁ ଉତ୍ତର,ଉତ୍ତର-ପୂର୍ବ କିମ୍ବା ପୂର୍ବ ଦିଗ ବାଛିବା ଉଚିତ। ଏହା ଦ୍ୱାରା ଘରେ ସକରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ ଏବଂ ନକରାତ୍ମକ ଶକ୍ତି ଦୂର ହୋଇଯାଇଥାଏ।

ଅନେକ ଲୋକ ତୁଳସୀ ଗଛକୁ ଘର ଅଗଣାର କେନ୍ଦ୍ରରେ ରଖି ଦେଇଥାନ୍ତି କିନ୍ତୁ ବାସ୍ତୁ ଅନୁସାରେ ତୁଳସୀ ଗଛକୁ ସବୁବେଳେ ଘରର ଯେକୌଣସି କୋଣରେ ରଖିବା ଉଚିତ।

ଯଦି ଆପଣ ଘରେ ଗୋଟିଏରୁ ଅଧିକ ତୁଳସୀ ଗଛ ଲଗାଇଥାନ୍ତି ତେବେ ଧାନ ରଖନ୍ତୁ ଯେ, ଆପଣଙ୍କୁ ୩,୫,୭ ଯୁଗ୍ମ ସଂଖ୍ୟାରେ ତୁଳସୀ ଗଛ ଲଗାଇବା ଉଚିତ।

ଯେଉଁଠାରେ ତୁଳସୀ ଗଛ ଲଗା ହୋଇଥିବ ସେଠାରେ ଭୁଲରେ ମଧ ଝାଡ଼ୁ କିମ୍ବା ଡଷ୍ଟବିନ୍ ରଖିବା ଅନୁଚିତ। ତୁଳସୀକୁ ଦେବତୁଲ୍ୟ କୁହାଯାଏ। ବାସ୍ତୁ ଦୃଷ୍ଟିରୁ ତୁଳସୀ ବହୁତ ଶୁଭ ଗଛ ଅଟେ।

ଘରେ ସୁଖ ସମୃଦ୍ଧି ପାଇଁ ତୁଳସୀ ଗଛରେ ସନ୍ଧ୍ୟା ବେଳେ ଦୀପ ଜଳାନ୍ତୁ। ଏଥିରେ ମା ଲକ୍ଷ୍ମୀଙ୍କ କୃପା ରହିଥାଏ।

ଘରେ ଐଶାନ୍ୟ କୋଣରେ କୌଣସି ଧରଣର ବାସ୍ତୁ ଦୋଷ ଥିଲେ ଏହି ଦିଗରେ ତୁଳସୀ ଗଛ ଲଗାଇବା ଉଚିତ।

# ଆର୍ଥିକ ଏବଂ ସତର୍କତା ସହଯୋଗର ନେତୃତ୍ୱ ନେଉଛି ଭାରତ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) ଉପରେ ଜି-୨୦ ମନ୍ତ୍ରୀସ୍ତରୀୟ ବୈଠକର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଦୁଇଟି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଏହି ଦୁଇଟି କାର୍ଯ୍ୟକ୍ରମ ହେଲା ''ଏକତା ଏବଂ ଦୃଢ଼ତା: ଆଗୁଆ ଚେତାବନୀ ପ୍ରଣାଳୀ ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଏକଜୁଟତା ଜରିଆରେ ଡିଆରଆରକୁ ଆଗକୁ ବଢାଇବା' ଏବଂ 'ଡିଆରଆର ନିବେଶକୁ ବୃଦ୍ଧି କରିବା ପାଇଁ ବୈଷୟିକ ନବସୃଜନ ଏବଂ ରାଜନୈତିକ ନେତୃତ୍ୱ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା।'

ଏକତା ଏବଂ ଦୃଢ଼ତା ଉପରେ ଆୟୋଜିତ ଅଧିବେଶନରେ ଡକ୍ଟର ମିଶ୍ର କହିଥିଲେ, ଆଗୁଆ ଚେତାବନୀ ବ୍ୟବସ୍ଥା କେବଳ ବୈଷୟିକ ବିଳାସ ନୁହେଁ ଏବଂ ବିପର୍ଯ୍ୟୟ ପ୍ରଶମନକୁ ଦୃଢ଼ କରିବା ପାଇଁ ଏକ ରଣନୀତିକ ନିବେଶ। ସେ ଭାରତର ବହୁମୁଖୀ ସଂସ୍ଥାଗତ ଢାଞ୍ଚା ବିଷୟରେ ଉଲ୍ଲେଖ କରିଥିଲେ। ଏହି ଢାଞ୍ଚା ପାଣିପାଗ, ଜଳବିଜ୍ଞାନ, ଭୂକମ୍ପ ଏବଂ ସମୁଦ୍ର ବିଜ୍ଞାନ ପ୍ରତିଷ୍ଠାନଗୁଡ଼ିକୁ ଏକୀକୃତ କରିଥାଏ। ବର୍ତ୍ତମାନ ସୁଦ୍ଧା ଏହି ବ୍ୟବସ୍ଥା ୧୦୯ ବିଲିୟନରୁ ଅଧିକ ଚେତାବନୀ ଓ ସତର୍କ ସୂଚନା ଜାରି କରିସାରିଛି।



ବିଶ୍ୱସ୍ତରୀୟ ପ୍ରାରମ୍ଭିକ ଚେତାବନୀ ଢାଞ୍ଚା ଅଧୀନରେ ଆନ୍ତଃପରିଚାଳିତ ଆଞ୍ଚଳିକ ପ୍ଲାଟଫର୍ମ, ସହଭାଗୀ ତଥ୍ୟ ପ୍ରୋଟୋକଲ ଏବଂ ମିଳିତ କ୍ଷମତା-ନିର୍ମାଣ ପଦକ୍ଷେପକୁ ସୁଦୃଢ଼ କରିବା ଲାଗି ସେ ଜି-୨୦ ଦେଶଗୁଡ଼ିକୁ ଅନୁରୋଧ କରିଥିଲେ। ସେ କହିଥିଲେ, ଭାରତ ପ୍ରାରମ୍ଭିକ ଚେତାବନୀକୁ ଏକ ବିଶ୍ୱବ୍ୟାପୀ ସାର୍ବଜନୀନ ହିତ ଭାବରେ ଦେଖିଥାଏ, ଯାହା ସମାବେଶୀ, ବହୁଭାଷୀ ଏବଂ ପୂର୍ବାନୁମାନ ଉପରେ ଆଧାରିତ। ଡିଆରଆରକୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ମିଶ୍ର ଜି-୨୦ ସ୍ୱେଚ୍ଛାକୃତ ଉଚ୍ଚସ୍ତରୀୟ ନୀତିଗୁଡ଼ିକ ମଧ୍ୟରୁ ନୀତି ୨ ଏବଂ ୪ ଅନୁରୂପ ଭାରତର ପାଞ୍ଚସ୍ତମ୍ଭ ବିଶିଷ୍ଟ ଆର୍ଥିକ ରଣନୀତି ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସେ ଅର୍ଥ ଆୟୋଗ ଅଧୀନରେ ଭାରତର ସାମ୍ବିଧାନିକ ଆଧାର ମଡେଲ ବିଷୟରେ ବର୍ଣ୍ଣନା କରିଥିଲେ, ଯାହା ବହୁ-ବର୍ଷିଆ, ନିୟମ-ଆଧାରିତ ଡିଆରଆର ଆବଣ୍ଟନ, ରାଜ୍ୟ ତଥା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ବିକେନ୍ଦ୍ରୀକୃତ ପାଣ୍ଠି ଯୋଗାଣ ଏବଂ ଜାତୀୟ ବିପର୍ଯ୍ୟୟ ବିପଦ ସୂଚକାଙ୍କ ମାଧ୍ୟମରେ ପ୍ରମାଣ-ଆଧାରିତ ପ୍ରାଥମିକତାକୁ ସୁନିଶ୍ଚିତ କରିଛି। ଏକ ରିଲିଫ୍-କେନ୍ଦ୍ରିକରୁ ଏକ ବିପଦ-ସୂଚିତ ଦୃଷ୍ଟାନ୍ତ ଦିଗରେ ଭାରତର ପରିବର୍ତ୍ତନ ଉପରେ ଆଲୋକପାତ କରି ସେ ଅଭିନବ ସ୍ଥାନୀୟ ସ୍ତରୀୟ ପ୍ରଣାଳୀ ବିଷୟରେ ସୂଚନା ଦେଇଥିଲେ। ଏହାବ୍ୟତୀତ ଡକ୍ଟର ମିଶ୍ର ସମର୍ପିତ ପ୍ରଶମନ ପାଣ୍ଠି, ବିପଦ-ଆଧାରିତ କାର୍ଯ୍ୟକ୍ରମ ଏବଂ ଆପଦା ମିତ୍ର ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଗୋଷ୍ଠୀ ଭିତ୍ତିକ ପ୍ରସ୍ତୁତି ବିଷୟରେ କହିଥିଲେ। ଏଗୁଡ଼ିକ ପ୍ରତ୍ୟକ୍ଷ ଭାବେ ସରକାରୀ ପାଣ୍ଠି ଯୋଗାଣ ଏବଂ ପ୍ରଶାସନରେ ଦୃଢ଼ତାକୁ ଗ୍ରହଣ କରିଛି। ଏହି ଅବସରରେ ଡକ୍ଟର ମିଶ୍ର ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଅଷ୍ଟ୍ରେଲିଆ ଏବଂ ନେଦରଲ୍ୟାଣ୍ଡ ସହିତ ଦ୍ୱିପାକ୍ଷିକ ବୈଠକରେ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଆଫ୍ରିକାର ସମବାୟ ଶାସନ ଏବଂ ପାରମ୍ପରିକ ବ୍ୟାପାର ମନ୍ତ୍ରୀ ଭେଲେନକୋସିନି ଲାବିସାଙ୍କ ସହ ତାଙ୍କ ବୈଠକରେ ସେ ସିଡିଆରଆଇ ସଦସ୍ୟତା ସମେତ ମିଳିତ କ୍ଷମତା ନିର୍ମାଣ ଅଭ୍ୟାସକୁ ପ୍ରୋତ୍ସାହିତ କରିଥିଲେ। ଡକ୍ଟର ମିଶ୍ର ଅଷ୍ଟ୍ରେଲିଆର ଆପାତକାଳ ପ୍ରଶମନ ମନ୍ତ୍ରୀ ସୁଶ୍ରୀ କ୍ରିଷ୍ଟି ମ୍ୟାକବେନଙ୍କ ସହ ଡିଆରଆର ପାଇଁ ଭିନ୍ନ ପାଣ୍ଠି ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଡକ୍ଟର ମିଶ୍ର ନେଦରଲ୍ୟାଣ୍ଡର ଉପମନ୍ତ୍ରୀ ପ୍ରଫେସର ଡକ୍ଟର ମାର୍ଟେନ ଭାନ ଆଲଷ୍ଟଙ୍କ ସହ ସାକ୍ଷାତରେ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଏହାର ପ୍ରସାର ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ସ୍ତରରେ ବିପର୍ଯ୍ୟୟ ସ୍ଥିରତା ବୃଦ୍ଧି କରିବାରେ ସାଂଗଠନିକ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରିଥିଲେ।

# ଶ୍ରମିକଙ୍କ କାର୍ଯ୍ୟ ସମୟ ବୃଦ୍ଧି ନିଷ୍ପତ୍ତିକୁ ବିରୋଧ




**ଭୁବନେଶ୍ୱର,୧୪।୧୦ (ମହାଭାରତ):** ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଦୈନିକ ଆଠଘଣ୍ଟା କାର୍ଯ୍ୟ ସମୟକୁ ବୃଦ୍ଧିକରି ଦଶଘଣ୍ଟା ଧାର୍ଯ୍ୟ କରିବା ଓ ରାତ୍ରି ସମୟରେ ମହିଳାମାନଙ୍କୁ କାର୍ଯ୍ୟ କରିବାକୁ ଆଇନ ପ୍ରଣୟନ କରିବା ଘଟଣାକୁ ଏଆଇଟିୟୁସି ଦୃଢ଼ ବିରୋଧ କରିଛି। ଗତ ୧୯୫୬ ମସିହାରୁ ପ୍ରଚଳିତ ଆଇନକୁ ସଂଶୋଧନ କରି ମାଲିକମାନଙ୍କ ସ୍ୱାର୍ଥରେ ରାଜ୍ୟ ସରକାର ଆଇନ ପ୍ରଣୟନ କରୁଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୁଦ୍ଧରେ ରାଜ୍ୟବ୍ୟାପୀ ଏଆଇଟିୟୁସି ତରଫରୁ ବ୍ୟାପକ ଆନ୍ଦୋଳନ ପାଇଁ ଆଜି ଅନୁଷ୍ଠିତ ପରିବର୍ଦ୍ଧିତ ରାଜ୍ୟ କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ୧୮୮୪ ମସିହାରେ ଆଠଘଣ୍ଟା କାର୍ଯ୍ୟଦିବସ ପାଇଁ ଆମେରିକାର ଚିକାଗୋ ସହରରେ ରକ୍ତକ୍ଷୟୀ ଲଢ଼େଇ ପରେ ସମଗ୍ର ପୃଥିବୀର ଶ୍ରମିକମାନେ ଏହି ଦାବି ହାସଲ କରିଛନ୍ତି। ତେଣୁ ଓଡ଼ିଶା ସରକାରଙ୍କ ଶ୍ରମିକ ବିରୋଧୀ ଆଇନକୁ କାର୍ଯ୍ୟକାରୀ କରାଇ ଦିଆଯିବ ନାହିଁ ବୋଲି ଏଆଇଟିୟୁସି ଚେତାବନୀ ଦେଇଛି। ବରିଷ୍ଠ ଉପସଭାପତି ପ୍ରଶାନ୍ତ ପାଟଯୋଶୀ ଓ ଗୌରାଙ୍ଗ ପାଣିଗ୍ରାହୀ, ଉପସଭାପତି ତଥା ସିପିଆଇର ରାଜ୍ୟ ସମ୍ପାଦକ ଡା. ପ୍ରଶାନ୍ତ ମିଶ୍ରଙ୍କ ସମେତ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ସୁରଜେନା, ହରପ୍ରିୟା ସ୍ୱାଇଁ, ପ୍ରବୀଣ ଦାସ ଅଂଶଗ୍ରହଣ କରିଥିଲେ।

# କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଭେଟିଲେ କେ.ଭି

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ, ସେ କେନ୍ଦ୍ର ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ,




ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖରିଫ ମାର୍କେଟିଂ ଋତୁରେ କଷ୍ଟମ୍ ମିଲ୍ଡ ଚାଉଳର କ୍ରୟ ଲକ୍ଷ୍ୟ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପତ୍ର ତାଙ୍କୁ ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପୁନର୍ବାର ଏହି ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ୫୦ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ, ରାଜ୍ୟରେ କିନ୍ତୁ ପ୍ରକୃତରେ ୬୨.୫୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ପ୍ରକୃତ କ୍ରୟ ସହିତ ସମନ୍ୱୟ ରଖି ଅନୁମୋଦିତ ଲକ୍ଷ୍ୟକୁ ତୁରନ୍ତ ବୃଦ୍ଧି କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହିତ, କଷ୍ଟମ୍ ମିଲ୍ଡ ଚାଉଳର ବିତରଣ ସମୟସୀମା ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି । ବର୍ଦ୍ଧିତ ସମୟସୀମା ମଧ୍ୟରେ ବାକି ଧାନ ଖାଲି କରିବା ପାଇଁ ଏଫସିଆଇକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି। ଏହା ଓଡିଶାର ସଂରକ୍ଷଣ ଏବଂ ଆବଣ୍ଟନ ପରିଚାଳନାକୁ ସୁଗମ କରିବ। ବୈଠକରେ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗସଞ୍ଜୟ କୁମାର ସିଂହ, ଶକ୍ତି ବିଭାଗ ବିଶାଳ କୁମାର ଦେବ ଉପସ୍ଥିତ ଥିଲେ।

# ବ୍ରିକ୍ସ ଆଇଏଲ୍ଏସ ୪ର୍ଥ ଷ୍ଟାର୍ଟଅପ୍ କନ୍‌କ୍ଲେଭ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ବ୍ରିକ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସେସ (ଆଇଏଲ୍ଏସ)ରେ ସୃଷ୍ଟି ଓଡ଼ିଶାର ଏକ ଅଗ୍ରଣୀ ବାୟୋଟେକ ଏବଂ ୱେଲନେସ୍ ଷ୍ଟାର୍ଟଅପ୍ ଜୀବଦା ଭେଞ୍ଚରସ୍ ପ୍ରାଇଭେଟ ଲିମିଟେଡ ଆନୁଷ୍ଠାନିକ ଭାବରେ ବିଶ୍ୱର ପ୍ରଥମ ଆୟୁର୍ବେଦ ବର୍ଗ ନ୍ୟୁରୋକସ୍‌ମେଟିକ୍ସ ଦ୍ୱାରା ଅନୁପ୍ରେରିତ ହୋଇ ପ୍ରଚଳନ କରିଛି। ଭୁବନେଶ୍ୱରସ୍ଥିତ ଆଇଏଲ୍ଏସ ମୁଖ୍ୟ କ୍ୟାମ୍ପସ୍‌ରେ ଅକ୍ଟୋବର ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ବ୍ରିକ୍ସ ଆଇଏଲ୍ଏସର ୪ର୍ଥ ଷ୍ଟାର୍ଟଅପ୍ କନକ୍ଲେଭରେ ଏହି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାଚୀନ ଆୟୁର୍ବେଦକୁ ଆଧୁନିକ ନ୍ୟୁରୋକସ୍‌ମେଟିକ୍ସ ପ୍ରଯୁକ୍ତି ସହିତ ସମ୍ମିଶ୍ରିତ କରି ଜିଭାଡାର ନୂତନ ବର୍ଗ ବିଳାସପୂର୍ଣ୍ଣ ଆୟୁର୍ବେଦ ଏବଂ ତ୍ୱଚାଯତ୍ନ ନବସୃଜନ କ୍ଷେତ୍ରରେ ଏକ ସଫଳତାର ପ୍ରତିନିଧିତ୍ୱ କରୁଛି। ଏହି ବର୍ଗ ୨୬୮ରୁ ଅଧିକ ପ୍ରାଚୀନ ଆୟୁର୍ବେଦ ଲେଖାରୁ ପ୍ରେରଣା ଲାଭ କରିବା ସହିତ ସମୟର କଷଟି ପଥରେ ପରୀକ୍ଷିତ ହର୍ବାଲ ଜ୍ଞାନକୁ ସର୍ବାଧୁନିକ ସମୟର ନ୍ୟୁରୋସାଇନ୍ସ ଏବଂ ବାୟୋଟେକ୍‌ନୋଲୋଜି ସହିତ ସମ୍ମିଶ୍ରିତ କରିଛି। ବ୍ରିକ୍ସ ଆଇଏଲଏସ୍‌ରେ ବ୍ୟାପକ ଆର୍ ଆଣ୍ଡ ଡି ଜରିଆରେ ପ୍ରସ୍ତୁତ ପ୍ରତ୍ୟେକ ଉତ୍ପାଦରେ ଫଳପ୍ରସୂ ବାୟୋଆକ୍ଟିଭ ଉପାଦାନ ଏବଂ ସ୍ଥାନୀୟ ସ୍ତରରେ ସଂଗୃହୀତ ମହୁଆ ଭଳି ଅଣ-କାଷ୍ଠ ଜଙ୍ଗଲଜାତ ପଦାର୍ଥ (ଏନଟିଏଫ୍‌ପି) ଏବଂ ତତ୍‌ସହିତ ଉଭୟ ତ୍ୱଚା ସ୍ୱାସ୍ଥ୍ୟ ଏବଂ ମାନସିକ କଲ୍ୟାଣକୁ ଲକ୍ଷ୍ୟ ରଖୁଥିବା ଉନ୍ନତ ନ୍ୟୁରୋପେପ୍‌ଟାଇଡସ୍ ସମନ୍ୱିତ ହୋଇଛି। ଆଠଟି ଉତ୍ପାଦର ସମ୍ଭାର ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବାବେଳେ ସେଗୁଡିକ କୋମଳତା, ଜଳୀୟ ଅଂଶ ବଜାୟ ରଖିବା ଏବଂ ସନ୍ତୁଳନ ରଖିବା ନିମନ୍ତେ ଡିଜାଇନ କରାଯାଇଛି, ଯାହା କେବଳ ତ୍ୱଚା ଏବଂ କେଶର ସମସ୍ୟା ପ୍ରତି ଦୃଷ୍ଟି ଦେଉନାହିଁ ତାହାସହିତ ଚାପ, ଚିନ୍ତା ଏବଂ ଇନ୍ଦ୍ରିୟଗତ ସମନ୍ୱୟ ଦିଗ ପ୍ରତି ମଧ୍ୟ ଯତ୍ନଶୀଳ ହେଉଛି। ମେଡ୍-ଇନ-ଓଡ଼ିଶା ନବସୃଜନ ଜରିଆରେ ଏହା ବୈଶ୍ୱିକ କଲ୍ୟାଣକାରୀ ଏବଂ ସୌନ୍ଦର୍ଯ୍ୟ ଦୃଶ୍ୟପଟ୍ଟରେ ଏକ ବ୍ୟାପକ ରୂପାନ୍ତରଣ ଆଣିବାକୁ ଯାଉଛି।

# ବିଏମ୍‌ସିରେ ୪୭୧୨୬ ବୁଲା କୁକୁର

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ବିଏମ୍‌ସି ଅଂଚଳରେ ୪୭୧୨୬ ବୁଲା କୁକୁର ଅଛନ୍ତି। ଜାତୀୟ ହାର ତୁଳନାରେ ବିଏମ୍‌ସି ଅଂଚଳରେ ବୁଲା କୁକୁରଙ୍କ ହାର ଅଧିକ ରହିଛି। ବିଏମସି ପକ୍ଷରୁ ବୁଲା କୁକୁର ଗଣନା ପରେ ଏହି ସୂଚନା ଦିଆଯାଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ବିଏମ୍‌ସି ପକ୍ଷରୁ ବୁଲା କୁକୁର ଗଣନା କରାଯାଇଛି। ସେପ୍ଟେମ୍ବର ୧୮ରୁ ୨୫ ତାରିଖ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଅର୍ଥାତ୍ ୧୮ରୁ ୨୧ ତାରିଖ ଏବଂ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ବୁଲା କୁକୁର ଗଣନା ହୋଇଥିଲା। ୪୭୧୨୬ କୁକୁରଙ୍କ ମଧ୍ୟରୁ ୨୩ ହଜାର ୪୭ଟି ଅଣ୍ଡିରା କୁକୁର ରହିଥିବା ବେଳେ ୧୫ ହଜାର ୫୫୨ଟି ମାଇ କୁକୁର ଏବଂ ୧ ହଜାର ୧୨୪ଟି ଛୁଆ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୪ ହଜାର ୬୮ଟି ଅଣ୍ଡିରା କୁକୁରଙ୍କୁ



ବନ୍ଧ୍ୟାକରଣ କରାଯାଇଥିବା ବେଳେ ୩ ହଜାର ୩୩୫ଟି ମାଇ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଛି। ଜନସଂଖ୍ୟା ତୁଳନାରେ ବୁଲା କୁକୁରଙ୍କ ସଂଖ୍ୟା ୩.୬୨ ପ୍ରତିଶତ ରହିଛି। ଅର୍ଥାତ୍ ପ୍ରତି ୱାର୍ଡରେ ବୁଲା କୁକୁର ସଂଖ୍ୟା ହାରାହାରି ୭୦୩ ରହିଛି। ସର୍ବାଧିକ ବୁଲା କୁକୁର ଥିବା ୧୦ଗୋଟି ୱାର୍ଡ ହେଲା, ୨୩, ୭, ୪୯, ୬୫, ୪, ୯, ୫, ୫୬, ୪୩, ଓ ୬। ୨୩ ନମ୍ବର ୱାର୍ଡରେ ୧୭୦୩ ଥିବା ବେଳେ ୬ ନମ୍ବର ୱାର୍ଡରେ ୧୦୬୨ ବୁଲା କୁକୁର ରହିଛନ୍ତି। ଜାତୀୟ ହାର ପ୍ରତି ୧ ହଜାରେ ଜନ ସଂଖ୍ୟାରେ ୧୧ ଥିବା ବେଳେ ଭୁବନେଶ୍ୱରରେ ପ୍ରତି ହଜାର ଜନ ସଂଖ୍ୟାରେ ହାରାହାରି ୩୬ଟି ବୁଲା କୁକୁର ରହିଛନ୍ତି। ଗତ ସେପ୍ଟେମ୍ବର ୧୮ ତାରିଖରେ ଆରମ୍ଭ ହୋଇଥିଲା କୁକୁର ଗଣନା । ୧୮-୨୫ ପର୍ଯ୍ୟନ୍ତ ୬୭ ଟି ୱାର୍ଡରେ ୪୧୦ ଟି ଟିମ୍ ଏହି ଗଣନା ହୋଇଥିଲା। ୨୫ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ହୋଇଥିଲା କୁକୁର ଗଣନା।

# ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା

**ଭୁବନେଶ୍ୱର,୧୪।୧୦ (ମହାଭାରତ):** 'ପ୍ରାଚୀ' ସାହିତ୍ୟ ସମାଜ ଓ ସାହିତ୍ୟ ସଂସଦର ସାହିତ୍ୟ ସଭା, କବିତା ପାଠ ଓ ପୁସ୍ତକ ଉନ୍ମୋଚନ ସ୍ଥାନୀୟ କଟକର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ



ପ୍ରଫେସର ମନ୍ଦାକିନୀ ଦାସ ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସଂପାଦକୀୟ ଅଭିଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଡଃ ବୈଷ୍ଣବ ଚରଣ ସାମଲ, ମୁଖ୍ୟ ବକ୍ତା ଭାବେ ଡଃ ନଟବର ଶତପଥୀ, ବିଶିଷ୍ଟ ଅତିଥି ଭାବେ ଡଃ ବାବାଜୀ ପଟ୍ଟନାୟକ ଓ ସମ୍ମାନୀୟ ଅତିଥି ଭାବେ ଡଃ ସଚ୍ଚିନ୍ଦ୍ର ରାଉଲ, ଅଧ୍ୟାପକ ବିଦ୍ୟା ଭୂଷଣ ମହାନ୍ତି ଯୋଗଦେଇ ବର୍ତ୍ତମାନ ଯୁଗରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ନରୋତ୍ତମ ଗାଣଙ୍କ ତୃତୀୟ ନେତ୍ର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ସଭାରେ ପ୍ରଫେସର ଡଃ ଲବଙ୍ଗଲତା ବିଶୋଇ,ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ସନ୍ତୋଷ କୁମାର ପାଲ୍, ରାକେଶ ଶତପଥୀ, ରମେଶ ଚନ୍ଦ୍ର ସାହୁ, ଅଭିଷେକ ଆଚାର୍ଯ୍ୟ, ଡଃ ତ୍ରିଲୋଚନ ଜେନା, ବିଜୟ କୁମାର ମହାଲିକ୍, ଆଲୋକ କୁମାର ଆଚାର୍ଯ୍ୟ, ଡଃ ରଂଜନ ଜତି, ପ୍ରଦୀପ ସାମଲ, ଦମୟନ୍ତୀ ଜେନା, କିଶୋର କୁମାର ମିଶ୍ର, ପ୍ରିତିଶ୍ କୁମାର ନାୟକ, ଦେବେଶ ରଞ୍ଜନ ଚଇନି, ପ୍ରିୟ ରଂଜନ ମହାପାତ୍ର, ଜିତେନ କୁମାର ଦାଶ ଓ ଓମ୍ ପ୍ରକାଶ ମହାପାତ୍ରଙ୍କୁ ପ୍ରାଚୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ବିକଶିତ ଭାରତ ବିଲ୍ଡାଥନ ହେବ ବିଶ୍ୱ ମଡେଲ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** 'ବିକଶିତ ଭାରତ ବିଲ୍ଡାଥନ୍' ହେଉଛି ଉଦ୍ଭାବନ, ସୃଜନଶୀଳତା ଏବଂ ଯୁବ ଶକ୍ତିର ଏକ ଦେଶବ୍ୟାପୀ ଉତ୍ସବ। ଏହି ବିଲ୍ଡାଥନରୁ ତିଆରି ହେଉଥିବା ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ଦୃଷ୍ଟିକୋଣକୁ ଆଗକୁ ନେଇ ଏହି ବିଲ୍ଡାଥନ୍ ୨୦୨୫କୁ ଉଦଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସାରା ଦେଶର ୩ ଲକ୍ଷରୁ ଅଧିକ ସ୍କୁଲ ଏବଂ ୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହା ଭାରତର ବୃହତ୍ତମ ସ୍କୁଲ୍ ହାକାଥନ। ଏହି ମେଗା ସ୍କୁଲ୍ ଇନୋଭେସନ୍ ପଦକ୍ଷେପରେ ଅଂଶଗ୍ରହଣ କରିଥିବାରୁ ସମସ୍ତ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ଏଠାରୁ ସୃଷ୍ଟି ହୋଇଥିବା ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ



ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ। ଏକ ବିକଶିତ ଏବଂ ସମୃଦ୍ଧ ଭାରତ ଆମର ପ୍ରତିଭାବାନ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଗଠନ ହେବ। ଆମର ଛାତ୍ରଛାତ୍ରୀମାନେ ସେମାନଙ୍କର ଚିନ୍ତାଧାରା, କଳ୍ପନା ଏବଂ ନବସୃଜନ ସହିତ ଭାରତ ତଥା ବିଶ୍ୱ ପାଇଁ ଇତିହାସ ଲେଖିବେ।

ଏହି ଅବସରରେ ଶ୍ରୀ ପ୍ରଧାନ ମଥୁରା ରୋଡ୍ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ପାଠପଢ଼ାର ମନୋଭାବକୁ ପ୍ରଶଂସା କରିଥିଲେ। ସେହିପରି ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର – ୨ର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ମଧ୍ୟରେ ଥିବା ନବସୃଜନର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଏହି ଯୁବ ଉଦ୍ଭାବକମାନଙ୍କୁ ଶୁଭେଚ୍ଛା ଜଣାଇ ଶିକ୍ଷା ମନ୍ତ୍ରୀ କହିଥିଲେ, ଛାତ୍ରଛାତ୍ରୀମାନଙ୍କର କୌତୂହଳ, ସୃଜନଶୀଳତା ଏବଂ ଉଦ୍ଭାବନ ଭାରତକୁ ଆଗକୁ ନେବ। ବିକଶିତ ଭାରତ ବିଲ୍ଡାଥନ୍ ୨୦୨୫ ମାଧ୍ୟମରେ ଶିକ୍ଷା ମନ୍ତ୍ରଣାଳୟ ଦେଶର ଯୁବବର୍ଗଙ୍କୁ ଜାତୀୟ ବିକାଶର ଏକ ସକ୍ରିୟ ଅଂଶୀଦାର ହେବା ପାଇଁ ପ୍ରେରଣା ଦେବାର ଲକ୍ଷ୍ୟ ରଖିଛି। କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହୋଇଥିବା 'ବିକଶିତ ଭାରତ ବିଲ୍ଡାଥନ୍-୨୦୨୫' ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ ମିଶନ, ନୀତି ଆୟୋଗ ଏବଂ ଏଆଇସିଟିଇ ସହଯୋଗରେ ଆୟୋଜନ କରାଯାଉଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଏବଂ ଉତ୍ପାଦ ବିକାଶ କରିବାର କ୍ଷମତାକୁ ବଢ଼ାଇବା। ଏଥିରେ ଛାତ୍ରଛାତ୍ରୀମାନେ 'ଭୋକାଲ୍ ଫର୍ ଲୋକାଲ', 'ଆତ୍ମନିର୍ଭର ଭାରତ', 'ସ୍ୱଦେଶୀ', ଏବଂ 'ସମୃଦ୍ଧି' ପରି ଚାରୋଟି ବିଷୟବସ୍ତୁ ଉପରେ କାମ କରିବେ।

# ନବରାତ୍ରୀ ସମୟରେ ରେକର୍ଡ଼ ସଂଖ୍ୟକ ସାମସଙ୍ଗ ସ୍ମାର୍ଟଫୋନ ବିକ୍ରୟ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଗ୍ରାହକ ମାନଙ୍କ ସକାରାତ୍ମକ ଉତ୍ସାହ, ଉଦ୍ଦିପନାକୁ ଦୃଷ୍ଟିରେ ରଖି ଏକ ମଜବୁତ ପର୍ବାଣୀ ବିକ୍ରୟର ଶୁଭାରମ୍ଭ ଘୋଷଣା କରିଛି, ଯାହାକି ପର୍ବାଣୀର ଧାରାକୁ ଆକର୍ଷଣୀୟ କରିବା ସହିତ, ଟେଲିଭିଜନ ଏବଂ ଏଆରକଣ୍ଡିସନର ଜିଏସଟି ମୂଲ୍ୟ ହ୍ରାସର ଖୁବ୍ ପ୍ରଭାବ ରହିଛି। ସାମସଙ୍ଗ କହିଛି ନବରାତ୍ରୀ ଏବଂ ଦଶହରା ପର୍ବାଣୀ ସମୟରେ ପ୍ରିମିୟମ ସ୍ମାର୍ଟଫୋନର ବିକ୍ରୟରେ ରେକର୍ଡ଼ ପରିମାଣର ସଫଳତା ଆସିଛି ଯାହା ମଧ୍ୟରେ ରହିଛି ଗାଲାକ୍ସି ଏଆଇ-କ୍ଷମତାଯୁକ୍ତ ପୋର୍ଟଫୋଲିଓର ଜେଡ଼ ଫୋଲ୍ଡ୭ ଫୋଲଡ଼େବୁଲ ସ୍ମାର୍ଟଫୋନ, ଗାଲାକ୍ସି ଏସ୨୫ ଶୃଙ୍ଖଳ ସେହିଭଳି ଗାଲାକ୍ସି ଏସ୨୪ଶୃଙ୍ଖଳ। କହିବାକୁ ଗଲେ ଗାଲାକ୍ସି ଏଆଇ ହେଉଛି ସାମସଙ୍ଗର ଜ୍ଞାନ କୌଶଳଯୁକ୍ତ କୃତ୍ରିମ ଡ଼ିଜାଇନ ଯାହାକି ବ୍ୟବହାରକାରୀ ମାନଙ୍କୁ ସାମସଙ୍ଗର ସ୍ମାର୍ଟଫୋନ ସହିତ ଖୁବ୍ ଭଲ ଭାବରେ ସଂଯୋଗ କରାଇ ଏହାକୁ ଅଧିକ ଅନ୍ତର୍ନିହିତ, ଦକ୍ଷ ତଥା ବ୍ୟକ୍ତିଗତ କରିପାରିଛି। "ପ୍ରିମିୟମ ଗାଲାକ୍ସି ସ୍ମାର୍ଟଫୋନ ବିକ୍ରୟ, ଏହାର ମୂଲ୍ୟ ୩୦,୦୦୦ ଟଙ୍କା ଆଡ଼କୁ ଯାଇଥିଲେ ମଧ୍ୟ, ଏକ-ଚ଼ତୁର୍ଥାଂଶ ବୃଦ୍ଧି-ବନାମ ଗତ ବର୍ଷର ଏହି ସମାନ ସମୟର ବୃଦ୍ଧିରେ ଏହା ବହୁ ଉର୍ଦ୍ଧ୍ୱକୁ ଉଠି ପାରିଛି। ସାମସଙ୍ଗ ଦୃଢ଼ ନିଶ୍ଚିତ ଯେ ଆସନ୍ତା ଦୀପାବଳୀର ଶୁଭ ଉତ୍ସବ ସମୟରେ ମଧ୍ୟ ପ୍ରିମିୟମ ଏଆଇ କ୍ଷମତାଯୁକ୍ତ ସ୍ମାର୍ଟଫୋନର ଉତ୍ସସିତ କାରବାର ସେହିଭଳି ଭାବରେ ଅତୁଟ ରହିବ" ଯାହାକି ସାମସଙ୍ଗ ଇଣ୍ଡିଆର ଜଣେ ମୁଖପାତ୍ର ମତ ପ୍ରକାଶ କରିଛନ୍ତି। ସାମସଙ୍ଗ ଏହାର ପ୍ରିମିୟମ ସ୍ମାର୍ଟଫୋନ ଗୁଡ଼ିକର ଏହି ପର୍ବାଣୀ ଋତୁରେ ଅନେକ ଗୁଡ଼ିଏ ଆକର୍ଷଣୀୟ ରିହାତି ପ୍ରଦାନ କରିଛି ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି ଗାଲାକ୍ସି ଏସ୨୪ ଅଲଟ୍ରା, ଗାଲାକ୍ସି ଏସ୨୪ ଏବଂ ଗାଲାକ୍ସି ଏସ୨୪ ଏଫଇ ଯାହାକି ନବରାତ୍ରୀ ଉତ୍ସବ ଅବସରରେ ଏହାର ବିକ୍ରୟରେ ବୃଦ୍ଧି ପାଇଛି ଯାହାର ଶୁଭାରମ୍ଭ ସେପ୍ଟେମ୍ବର ୨୨,୨୦୨୫ରୁ ଆରମ୍ଭ ହୋଇଛି।

# ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ଓଡିଆ ଝିଅ ତଥା ପଶ୍ଚମବଙ୍ଗର ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅତ୍ୟନ୍ତ ଅମାବନୀୟ ଲଜ୍ଜାଜନକ । ଏହାକୁ



ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ । ମେଡିକାଲ କ୍ୟାଂପସରେ ଥିବା ପୀଡିତା ଛାତ୍ରୀଙ୍କ ପ୍ରତି ଯେଉଁ ଭଳି ଅମାନୁଷିକ ଓ ବର୍ବରୋଚିତ ଘଟଣା ଘଟିଛି ତାହା ପଶ୍ଚିବଙ୍ଗର ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ସ୍ଥିତିରେ ସେଠାକାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ ନୁହେଁ ଭଳି ଲଜ୍ୟାଜନକ ମନ୍ତବ୍ୟ ଦେଇଛନ୍ତି । ପୀଡିତାକୁ ନ୍ୟାୟ ଦେବା ବଦଳରେ ଲିଙ୍ଗଭିତିକ ଅସମାନତା ଆଣିବା, ଝିଅମାନଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବାର ଅଧିକାର କାହାର ନାହିଁ । ଝିଅଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବା ଅତ୍ୟନ୍ତ ନିନ୍ଦନୀୟ । ଜଣେ ମହିଳା ମୁଖ୍ୟମନ୍ତ୍ରୀ ଯଦି ଝିଅମାନେ ରାତିରେ ବାହାରିବା ଠିକ୍ ନୁହେଁ ବୋଲି କହିବେ, ତାଠାରୁ ଦୁର୍ଭାଗ୍ୟପୂର୍ଣ୍ଣ କଥା ଆଉ କିଛି ନୁହେଁ । ଏହି ଘଟଣା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଅପାରଗତା ପଦାରେ ପଡ଼ିଛି । ମମତା ବାନାର୍ଜୀଙ୍କ ମହିଳା ବିରୋଧୀ ଅଭିମୁଖ୍ୟକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି। ଏହାର ପ୍ରତିବାଦରେ ଭୁବନେଶ୍ୱର ରାମ ମନ୍ଦିର ଛକରେ ରାଜ୍ୟ ମହିଳା ମୋର୍ଚ୍ଚା ପକ୍ଷରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ପୂର୍ବତନ ସାଂସଦ ଶ୍ରୀମତୀ ଅର୍ଚ୍ଚନା ନାୟକ, ଉପସଭାପତି ଡ.ରଂଜିତା ସେଠୀ, ସାଧାରଣ ସଂପାଦିକା ରଶ୍ମୀରେଖା ଦାଶଙ୍କ ସମେତ ମହିଳା ମୋର୍ଚ୍ଚାର ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ନ୍ୟୁଜିଲ୍ୟାଣ୍ଡରେ ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସର ଶୋ'ରୁମ୍

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ଅଗ୍ରଣୀ ଅଳଙ୍କାର ବିକ୍ରେତା ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ୍ ନ୍ୟୁଜିଲ୍ୟାଣ୍ଡରେ ଶୋ' ରୁମ ଆରମ୍ଭ ନେଇ ଘୋଷଣା କରିଛି। ନ୍ୟୁଜିଲ୍ୟାଣ୍ଡରେ କମ୍ପାନୀର ପ୍ରଥମ ଶୋ'ରୁମ୍ ଅକଲ୍ୟାଣ୍ଡର ବଟାନି ଟାଉନ୍ ସେଂଟରରେ ଆରମ୍ଭ ହୋଇଛି। ଏହି ଶୁଭାରମ୍ଭ ବ୍ରାଣ୍ଡର ଆନ୍ତର୍ଜାତୀୟ ସମ୍ପ୍ରସାରଣ ଯୋଜନାରେ ଏକ ମାଇଲଖୁଂଟ ସାବ୍ୟସ୍ତ ହୋଇଛି। ଏହାକୁ ମିଶାଇ କମ୍ପାନୀ ୧୪ଟି ଦେଶରେ ନିଜର ଉପସ୍ଥିତିକୁ ଜାହିର କରିଛି। ନ୍ୟୁଜିଲ୍ୟାଣ୍ଡର ଜରୁରୀକାଳୀନ ପରିଚାଳନା, ପୋଲିସ, କ୍ରୀଡା ଏବଂ ମନୋରଞ୍ଜନ ମନ୍ତ୍ରୀ ମାର୍କ ମିଚେଲ ନୂତନ ଶୋ'ରୁମ୍ ଉଦଘାଟନ କରିଥିଲେ। ଏହି ଅବସରରେ ମାଲାବାର ଗ୍ରୁପ୍ ଉପାଧ୍ୟକ୍ଷ, କେ.ପି. ଅବଦୁଲ ସଲାମ୍; ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ୍ ଆନ୍ତର୍ଜାତୀୟ ଅପରେସନ୍ସ ଏମ୍‌ଡି ଶାମଲାଲ୍ ଅହମ୍ମ, ସି. ମାୟାନକୁଟ୍ଟି, ମାଲାବାର ଗ୍ରୁପ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ନିଷାଦ ଏ.କେ., କେ.ପି. ବୀରାଙ୍କୁଟ୍ଟି. ଉତ୍ପାଦନ ମୁଖ୍ୟ, ଫୈସଲ ଏ.କେ., ଅମୀର ସି.ଏମ୍.ସି. ଆର୍ଥିକ ଏବଂ ପ୍ରଶାସନ ନିର୍ଦ୍ଦେଶ. ମାଲାବାର ଗ୍ରୁପ୍ ମୁଖ୍ୟ ଡିଜିଟାଲ୍ ଅଧିକାରୀ ଶାଜି କକ୍କୋଡି ତଥା ଅନ୍ୟାନ୍ୟ ବରିଷ୍ଠ ପରିଚାଳନା ସଦସ୍ୟ, ଗ୍ରାହକ ଏବଂ ଶୁଭେଚ୍ଛୁ ଯୋଗ ଦେଇଥିଲେ। ସମ୍ପ୍ରତି କମ୍ପାନୀ ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, ୟୁକେ, କାନାଡା, ସିଙ୍ଗାପୁର, ମାଲେସିଆ ଏବଂ ଅଷ୍ଟ୍ରେଲିଆ ସମେତ ୧୪ଟି ଦେଶରେ ୪୦୦ରୁ ଅଧିକ ଶୋ'ରୁମ୍ ସ୍ଥାପନ କରିଛି ।

୨୬ଟି ଦେଶରେ କମ୍ପାନୀର ୨୫,୦୦୦ କର୍ମଚାରୀ କାମ କରୁଛନ୍ତି। କମ୍ପାନୀର ବିଶ୍ୱବ୍ୟାପୀ ୧୫ ନିୟୁତରୁ ଅଧିକ ଗ୍ରାହକ ଅଛନ୍ତି।

ଏହି ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦ କହିଲେ, ଏହା ବ୍ରାଣ୍ଡର ବିଶ୍ୱସ୍ତରୀୟ ବିସ୍ତାର ଯୋଜନାର ଅଂଶ କ୍ଷ କମ୍ପାନୀ ୧୪ତମ ଦେଶରେ ସେବା ଆରମ୍ଭ କରିଛି। ବିଶ୍ୱାସ, ପରମ୍ପରା, ଦାୟିତ୍ୱ ଏବଂ କାରିଗରୀ ପ୍ରତି ଆମର ପ୍ରତିବଦ୍ଧତା ସହିତ, ଆମେ ନ୍ୟୁଜିଲ୍ୟାଣ୍ଡର ଅଳଙ୍କାର ବଜାରରେ ସକାରାତ୍ମକ ପରିବର୍ତନ ଆଣିବାର ଲକ୍ଷ୍ୟ ରଖିଛୁ। ଏହା କେବଳ ମାଲାବାର ଗୋଲ୍‌ଡ ଆଣ୍ଡ ଡାଇମଣ୍ଡସ୍ ପାଇଁ ଏକ ସଫଳତା ନୁହେଁ; ଏହା ଭାରତୀୟ ଅଳଙ୍କାରର ଶତାବ୍ଦୀ ପୁରୁଣା କଳାର ବିଶ୍ୱସ୍ତରୀୟ ସ୍ୱୀକୃତିର ଏକ ପ୍ରମାଣ। ଶୋ'ରୁମ୍ ଗ୍ରାହକମାନଙ୍କୁ ଏକ ତ୍ରୁଟିହୀନ ଶପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛିକ୍ଷ ସୁନ୍ଦର ପ୍ରଦର୍ଶନ ଏବଂ ଗ୍ରାହକମାନଙ୍କୁ ସେମାନଙ୍କର ଉତମ ଅଳଙ୍କାର ଚୟନ କରିବା ପାଇଁ ଏକ ଉଚ୍ଚ ପ୍ରଶିକ୍ଷିତ ଦଳ ରହିଛନ୍ତି । ଏଠାରେ ସୁନା, ହୀରା ଏବଂ ମୂଲ୍ୟବାନ ପଥରରେ ୩୦ ହଜାରରୁ ଅଧିକ ଅନନ୍ୟ ଡିଜାଇନ୍ ରହିଛି। ଶୋ' ରୁମରେ ୨୫ରୁ ଅଧିକ ସ୍ୱତନ୍ତ୍ର ଉପ-ବ୍ରାଣ୍ଡରୁ ଅଳଙ୍କାରର ଏକ ବିଶାଳ ସଂଗ୍ରହ ରହିଛି । ଷ୍ଟୋରରେ ବିବାହ ପାଇଁ ଏକ ସ୍ୱତନ୍ତ୍ର କଲେକ୍ସନ ରହିଛି।

## ଲୋହିତ ସାଗରରେ ଆତଙ୍କ

ହମାସର ବର୍ବର ଆକ୍ରମଣ ପରେ ସ୍ୱାଭାବିକ ଭାବେ ଇସ୍ରାଏଲ ପ୍ରତିକ୍ରିୟାଶୀଳ ହୋଇଥିଲା ଏବଂ ହମାସ ଉପରେ ପ୍ରତିଶୋଧ ନେବା ପାଇଁ ପାଲେଷ୍ଟାଇନର ଗାଜା ସହର ଉପରେ ଆକ୍ରମଣ କରିଥିଲା। ଏହି ଆକ୍ରମଣକୁ ଆମେରିକା ଏବଂ ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ର ସମର୍ଥନ କରିଥିବା ବେଳେ ଅନେକ ଇସଲାମିକ ରାଷ୍ଟ୍ର ଏହାକୁ ନିନ୍ଦା କରିଥିଲେ। ହମାସକୁ ସମର୍ଥନ କରୁଥିବା ରାଷ୍ଟ୍ର ମଧ୍ୟରେ ରହିଛନ୍ତି ଇରାନ, ସିରିଆ ଇତ୍ୟାଦି। ସେମାନଙ୍କୁ ଇସ୍ରାଏଲର ଆକ୍ରମଣ ଦେଖାଯାଉଛି କିନ୍ତୁ ହମାସର ବର୍ବରତା ଦେଖାଯାଉନି। ରଷିଆ ଏବଂ ଚୀନ ଭଳି ରାଷ୍ଟ୍ର ମଧ୍ୟ ହମାସର ଏହି ବର୍ବରତା ପ୍ରତି ଆଖି ବୁଜି ଦେଇଛନ୍ତି। ଏହା ସେମାନଙ୍କର ଦୋମୁହାଁ ନୀତିକୁ ପ୍ରମାଣିତ କରୁଛି। ଇସ୍ରାଏଲର ଆକ୍ରମଣରେ ଗାଜା ଏବେ ଏକ ପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଛି। ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏବେ ସୁଦ୍ଧା ଗାଜାରେ ୩୩ହଜାର ୧୩୭ ଜଣ ପ୍ରାଣ ହରାଇଥିବା କୁହାଯାଉଛି। କିନ୍ତୁ ବାସ୍ତବ ସଂଖ୍ୟା ୫୦ ହଜାରରୁ ଅଧିକ ହେବ। ହଜାର ହଜାର ବ୍ୟକ୍ତି ଏବେ ବି ନିଖୋଜ ଅଛନ୍ତି। ଅନେକ ଗାଜା ସହର ଛାଡ଼ି ପଳାୟନ କରିଛନ୍ତି। ଇସ୍ରାଏଲ ଆକ୍ରମଣରୁ ଗାଜାର ଅନେକ ହସ୍ପିଟାଲ ମଧ୍ୟ ବର୍ତ୍ତି ନାହାଁନ୍ତି। ଏହିସବୁ ହସ୍ପିଟାଲକୁ ହମାସ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରୁଥିଲା। ହସ୍ପିଟାଲ ଭିତରେ ବଙ୍କର ଖୋଳି ସେମାନେ ଏହା ଭିତରେ ଲୁଚି ରହିବା ସହିତ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ। ଯେଉଁମାନେ ହସ୍ପିଟାଲ ଉପରେ ଆକ୍ରମଣକୁ ମାନାଧିକାର ଉଲ୍ଲଘଂନ ବୋଲି ଅଭିଯୋଗ କରୁଛନ୍ତି ସେମାନେ ହମାସର କାର୍ଯ୍ୟକଳାପ ଦେଖିପାରୁନାହାଁନ୍ତି। ନିଜ ଦେଶର ନାଗରିକଙ୍କ ସୁରକ୍ଷା ଏବଂ ସାର୍ବଭୌମତ୍ୱ ରକ୍ଷା ଲାଗି ପ୍ରତ୍ୟେକ ଦେଶର ଅଧିକାର ରହିଛି। ତେଣୁ ହମାସ ଆକ୍ରମଣର ଜବାବ ଦେବାକୁ ଇସ୍ରାଏଲର ଗାଜା ଆକ୍ରମଣ ଯଥାର୍ଥ। ହମାସ ଏକ କୁଖ୍ୟାତ ଆତଙ୍କୀ ସଙ୍ଗଠନ ଏବଂ ଆଇଏସଆଇଏସ, ଅଲକାଏଦା ଏବଂ ତାଲିବାନ ଭଳି ଏହା ଇସଲାମୀକ ମୌଳବାଦୀ ଚିନ୍ତାଧାରାରେ ଉଦବୁଦ୍ଧ। ଏହାର କୌଣସି ନୀତି, ଆଦର୍ଶ ନାହିଁ। କେବଳ ଆତଙ୍କ ସୃଷ୍ଟି କରିବା, ଇସଲାମ ବିରୋଧୀଙ୍କୁ ହତ୍ୟା କରିବା, ନିରୀହ ମହିଳାଙ୍କୁ ବଳାତ୍କାର ଏବଂ ଅମାନୁଷିକ ଭାବେ ହତ୍ୟା କରିବା, ଲୁଟ କରିବା ହେଉଛି ଏହାର ଆଦର୍ଶ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହମାସକୁ ନିନ୍ଦା କରିବାକୁ ତଥାକଥିତ ଧର୍ମନିରପେକ୍ଷବାଦୀଙ୍କ ସତସାହସ ନାହିଁ। ଭାରତ ସବୁ ବେଳେ ଆତଙ୍କବାଦକୁ ବିରୋଧ କରି ଆସିଛି। ତେଣୁ ସ୍ୱାଭାବିକ ଭାବେ ଇସ୍ରାଏଲ ଆକ୍ରମଣକୁ ଭାରତ ସମର୍ଥନ କରିଛି। କିନ୍ତୁ ଗାଜାର ଅନେକ ନିରୀହ ବ୍ୟକ୍ତି ବିନା ଦୋଷରେ ଦଣ୍ଡିତ ହୋଇଛନ୍ତି। ଏହା ଦୁଃଖଦାୟକ। ଏଥିପାଇଁ ଗାଜା ଉପରେ ଆକ୍ରମଣ ବନ୍ଦ କରିବାକୁ ଏବଂ ଯୁଦ୍ଧ ବିରତି ଘୋଷଣା କରିବାକୁ ଅନେକ ଇସ୍ରା,ଲକୁ ଅନୁରୋଧ କରୁଛନ୍ତି। କିନ୍ତୁ ଇସ୍ରା,ଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହାକୁ ଅଗ୍ରାହ୍ୟ କରିଛନ୍ତି। ନେତାନ୍ୟାହୁ କହିଛନ୍ତି ଯେ, ଯେ ପର୍ଯ୍ୟନ୍ତ ହମାସ ମୁଣ୍ଡଜାମିନ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ମୁକ୍ତ କରିନାହିଁ ସେ ପର୍ଯ୍ୟନ୍ତ ଯୁଦ୍ଧ ବିରତିର ପ୍ରଶ୍ନ ଉଠୁନାହିଁ। ଏହା ପୂର୍ବରୁ ନେତାନ୍ୟାହୁ କହିଥିଲେ ଯେ, ହମାସକୁ ସମୂଳେ ଧ୍ୱଂସ କରିବା କରିବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ। ଇତିମଧ୍ୟରେ ଇରାନ ଦମକ ଦେଇଛି ଯେ, ଏହା ଇସ୍ରାଏଲ ଉପରେ ଆକ୍ରମଣ କରିବ। ଆମେରିକା ନିଜକୁ ଏଥିରୁ ଦୁରେଇ ରଖିବା ଲାଗି ଇରାନ ଚେତାବନୀ ଦେଇଛି। ହମାସକୁ ସମର୍ଥନ କରି ଏକ ନିର୍ଦ୍ଦିଷ୍ଟ ଇସଲାମିକ ଆତଙ୍କୀ ସଙ୍ଗଠନ ଲୋହିତ ସାଗରରେ ଆତଙ୍କ ସୃଷ୍ଟି କରିଛି।

# ଆମ ଓଡ଼ିଆ ଫିଲ୍ମ

॥ ଗୁରୁପଦ ନାଥ ॥

> *ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ। ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଆସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚାର କରିବେ କିନ୍ତୁ ଆମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି ।*

ଦୀର୍ଘ ୮୬ବର୍ଷରେ ପାଦ ଥାପି ଚାଲିଛି ଆମ ଓଡ଼ିଆ ଫିଲ୍ମ। ଆଉ ୧୪ବର୍ଷ ପରେ ସେ ତାର ଶତ ବାର୍ଷିକ ପାଳନ କରିବ। ମନେ ପକାଇବ ତା'ର ସମୃଦ୍ଧ ଇତିହାସକୁ । ଏହି ଯାତ୍ରା ସେତେଟା ସହଜ ନ ଥିଲା। ପଛକୁ ଅନାଇଲେ ଯେତିକି କଣ୍ଟକିତ ଦେଖାଯାଉଛି ସେତିକି ରଙ୍ଗୀନ ମଧ ରହିଛି । ୧୯୩୬ ମସିହା ୨୮ତାରିଖରେ ସୀତା ବିବାହରୁ ଆରମ୍ଭ ହୋଇଥିଲା ଏହି ସ୍ୱର୍ଣ୍ଣିମ ଯାତ୍ରା । ମାତ୍ର ଏବେ ଏହି ଯାତ୍ରାରେ କାହାର ଯେପରି ନଜର ଲାଗିଯାଇଛି । ସମସ୍ତେ ବ୍ୟସ୍ତ ଦୋଷ ଦେବା ଲାଗି । ଦର୍ଶକ ନିର୍ଦ୍ଦେଶକଙ୍କୁ ଆଉ ନିର୍ଦ୍ଦେଶକ ଦର୍ଶକଙ୍କୁ କଥା ରହିଲା ପ୍ରଯୋଜକ ସେ ସବୁ ଦେଖି ନିରୁପାୟ ।



ଫିଲ୍ମ ଆସୁଛି ମାତ୍ର ପୋଷ୍ଟରରେ ରହିଯାଉଛି । ବଡ଼ ତାରକା ହୋଟେଲରେ ପୋଷ୍ଟର ରିଲିଜ ହେଉଛି। କିନ୍ତୁ ତାହା ସେହି ଚାରିକାନ୍ଥ ଓ ସୋସିଆଲ ମିଡ଼ିଆରେ ଗୋଟିଏ କିମ୍ବା ଦୁଇ ଦିନ ସୀମିତ ରହୁଛି । ତା'ପରେ କେହି କିଛି ଜାଣିପାରୁନାହାନ୍ତି । କରୋନା ପରେ ତ ହଲ୍ କଥା ନ କହିବା ଭଲ । ଯେତିକି ହଲ୍ ଥିଲା ତାହା ମଧ୍ୟରୁ କିଛି ବନ୍ଦ ହେବାକୁ ବସିଲାଣି । ଗୁଗୁଲରେ ସର୍ଚ୍ଚ କଲେ ତାହା ନଂ ୮୧ରେ ଅଛି । କିନ୍ତୁ ସେଥିରୁ ଅନେକ ମଧ ଏବେ ବନ୍ଦ ହେବାକୁ ବସିଲାଣି। ତଥାପି ଆମେ ଆମ ପ୍ରବୃତ୍ତି ଛାଡୁନାହୁଁ । ଅଭିଯୋଗର ଲମ୍ବା ଫର୍ଦ୍ଦ ଧରି ଆମେ ବସିଛୁ ସିନା ପ୍ରତିକାରର ସୂତ୍ର ବାହାର କରୁନାହୁଁ । ଯାହାଙ୍କୁ ପଚାରିଲେ ସେ କହୁଛନ୍ତି ଆମ ଓଡ଼ିଆ ଫିଲ୍ମ ଚାଲୁନି। ବେଶି ଟିକେ ପଚାରିଲେ କୁହନ୍ତି ଭଲ କାହାଣୀ ଆସୁନାହିଁ। କେହି ପ୍ରଯୋଜକ ରିସ୍କ ନେବାକୁ ଚାହୁଁ ନାହାନ୍ତି ଏଭଳି କିଛି ଉତ୍ତର ଆସୁଛି । ଯାହା ଆଜି ପ୍ରତିଟି ସିନେପ୍ରେମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

କଳାକାରମାନଙ୍କ କଥା ତ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଆମ ଫିଲ୍ମ ନ ଚାଲୁ ପଛେ କିନ୍ତୁ ଆମ ଷ୍ଟାରମାନଙ୍କର ଘରୋଇ ବିବାଦ ଏବେ ସୋସିଆଲ ମିଡ଼ିଆରେ ଭଲ ମାଇଲେଜ ନେଉଛି। ଭିୟୁର୍ସ କ୍ଷେତ୍ରରେ ହେଉ କି କମେ। ୟୁଟ୍ୟୁବ୍ ଖୋଲିଲେ ଏବେ ଓଲିଉଡ଼ର ସ୍ୱର୍ଣ୍ଣିମ କାହାଣୀ ନୁହେଁ କଳଙ୍କର ଚେହେରା ଦେଖିବାକୁ ମିଳୁଛି। କିଛି ଅଭିନେତା ଅଭିନେତ୍ରୀ ଏହାକୁ ନେଇ ସ୍ୱର ମଧ ଉଠାଉଛନ୍ତି । ଯାହା ଏବେ ଓଡ଼ିଆ ସିନେ ପ୍ରେମୀଙ୍କ ମନକୁ ଭାଙ୍ଗି ଦେଉଛି । ସେମାନେ ଏବେ ବଡ଼ ପରଦାରୁ ମୁହଁ ଫେରାଇ ଛୋଟ ପରଦା ଆଡ଼କୁ ଯାଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏବେ ହେଉଛି କି ପୂର୍ବ ଭଳି ବଡ଼ ପରଦାର ଅଭିନେତା ଅଭିନେତ୍ରୀ ଏବେ ଆଉ ଲୋକପରିଚିତ ହୋଇପାରୁନାହାନ୍ତି । ଯାହା ଏବେ ମୁଖ୍ୟ ସମସ୍ୟା ହୋଇଗଲାଣି । ପୂର୍ବରୁ ଗାଁର ଘରେ ଘରେ ଆମ ଅଭିନେତା ଅଭିନେତ୍ରୀମାନେ ପରିଚିତ ହେଉଥିଲେ। ଯେତେବେଳେ ଇଣ୍ଟରନେଟର ଅଭାବ ଥିଲା । ମାତ୍ର ଏବେ ୫ଜି ଯୁଗରେ ମଧ ଆମ କଳାକାରମାନେ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି । ଯାହା ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । କିନ୍ତୁ ଆମ ଛୋଟ ପରଦାର କଳାକାରମାନେ ଏବେ ଘରେ ଘରେ ପରିଚିତ ଏଥିରେ ସନ୍ଦେହ ନାହିଁ।

ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ। ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଆସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚାର କରିବେ କିନ୍ତୁ ଆମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି । କେହି କେହି କୋହ ଭରା କଣ୍ଠରେ ମଧ କହିଛନ୍ତି। ଦୁଃଖ ଲାଗୁଛି ଭଲ କାହାଣୀ ଆସୁନାହିଁ। ଯାହାବି ହେଉଛି ପ୍ରଯୋଜକ ରିସ୍କ ନେବାକୁ ଚାହୁଁ ନାହାନ୍ତି । ଫଳରେ କମ୍ ବଜେଟରେ ଫିଲ୍ମ କରି ଛୋଟ ପରଦାରେ ହେଉ କି ଓଟିଟି ଫର୍ମାଟରେ ବିକ୍ରି କରିବାକୁ ପସନ୍ଦ କରୁଛନ୍ତି । ଯାହା ଏବେ ସମସ୍ତଙ୍କୁ ସୁହାଉଛି ୟ ମାତ୍ର ଭୁଲି ଯାଉଛନ୍ତି କି ବଡ଼ ପରଦା ବୋଲି ଗୋଟିଏ ଅଛି ।

କରୋନା ପରେ ଯଦି ଦେଖିବା ଅନ୍ୟ ଆଞ୍ଚଳିକ ଫିଲ୍ମ ଗୁଡ଼ିକ ଆମ ରାଜ୍ୟରେ ବେଶ ଭଲ ରୋଜଗାର କରି ଯାଇଛନ୍ତି । କିନ୍ତୁ ଆମେ ସେହି ପରଦା ସେହି ଦର୍ଶକ ହେଲେ ପସନ୍ଦର ଖୋରାକ ଯୋଗାଇବା ଲାଗି ସମର୍ଥ ହୋଇପାରୁନାହାନ୍ତି । ଯାହା ଏବେ ବେଶି ଚିନ୍ତା ପାଲଟିଛି । ଗତ କିଛି ଦିନ ତଳେ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୦ଘୋଷଣା କରାଯାଇଛି । ମାତ୍ର ଏଥିରେ ଆମ ଓଡ଼ିଆ। ସିନେମାର ନାଁ ନାହିଁ । ଯାହାକୁ ନେଇ ଆମେ ଦୁଃଖ କରିବା ନା ବିବାଦ ଭିତରେ ଅଭିଯୋଗର ଲମ୍ବା ଫର୍ଦ୍ଦ ନେଇ ପୁଣି ଆଗକୁ ମାଡ଼ି ଚାଲିବା ।

ଏହି ତମାମ ବିଷୟ ଲେଖିବା ପୂର୍ବରୁ ଜାଣିବାକୁ ପାଇଲି କି ଆମ ଫିଲ୍ମ ମଧ ଚାଲିପାରିବ । ଆମକୁ ତ୍ରୁଟି ସୁଧାରି ଆଗକୁ ଯିବାକୁ ପଡ଼ିବ। କାହିଁକି ନା ଗତ କିଛି ଦିନ ତଳେ ଏକ ଫିଲ୍ମ ହଲ୍ ନିକଟରେ ଜଣେ ବନ୍ଧୁ ଦେଖାହେଲେ, ମୁଁ ପଚାରିଲି ଏଠି କ'ଣ। ସେ କହିଲେ ଫିଲ୍ମ ଦେଖିବାକୁ ଆସିଛି । ମୁଁ କହିଲି ମାତ୍ର ଏତେବେଳୁ ସମୟ ତ ଆହୁରି ୧.୧୫ମିନଟ ବାକି ଅଛି । ସେ କହିଲେ ଚଳିବ ଫିଲ୍ମର ଟିକେଟ ବି ମିଳିବା ଦରକାର। ମୋ ମନରେ ଏଭଳି ଉତ୍ତର ଆନ୍ଦୋଳିତ କରିଥିଲା। ଏପରି ବି ନଜିର ଆସିଥିଲା ପୂର୍ବରୁ ଗତ କିଛି ମାସ ହେବ ରାଜ୍ୟରେ ଅନ୍ୟ ଆଞ୍ଚଳିକ ଫିଲ୍ମ ପଡ଼ିଥିବାବେଳେ ଦର୍ଶକମାନଙ୍କ ଉତ୍ସୁକତା ଦେଖି ୨୪ଘଣ୍ଟା ଖୋଲା ରହିଥିଲା ଫିଲ୍ମ ହଲ। ତେବେ ମନରେ ପ୍ରଶ୍ନ ଉଠୁଛି ଆମ ମାଟିର ମହକୁ ଥିବା କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ଫିଲ୍ମ ଦେଖିବା ଲାଗି ଆଉ କେତ ଦିନ ଅପେକ୍ଷା କରିବେ ଓଡ଼ିଆ। ସିନେପ୍ରେମୀ।

ମୋ.୮୯୦୮୮୩୪୭୩୪

# ହେଳା, ଭେଳା, ଅବହେଳା

॥ ଶ୍ୟାମ ସୁନ୍ଦର ସାମଲ ॥

ହେଳାରୁ ବା ଭେଳା ବୁଡ଼େ ବୋଲି ଏକ ଲୋକକଥା ଅଛି। ହେଲେ ଅବହେଳା ଆଉ ଏକ ଅକ୍ଷମଣୀୟ ଗୁରୁତ୍ୱପୂର୍ଣ୍ଣ ଦିଗ। ଅବହେଳା ମଣିଷର ଚରିତ୍ର ଦୃଷ୍ଟିକୋଣରୁ ହୋଇପାରେ, ଆଦର୍ଶ, ବୃତ୍ତିଗତ, ଚିନ୍ତନ, ଆଧ୍ୟାତ୍ମିକ, ଆର୍ଥିକ ବି ହୋଇପାରେ। ତେବେ ଅବହେଳା ଗୁରୁତର ହେଲେ ଏହା ମାନବୀୟ ଜୀବନରେ ବଡ଼ ଦୁଃଖର ଓ ଅବଶୋଷର କାରଣ ପାଲଟେ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି।

ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତାର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି।

ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା ? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି ? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ।

୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମ ସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଣାପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସେବାକାରୀଙ୍କ ଉତ୍ସର୍ଗୀକୃତ ସେବାମନୋଭାବ ଓ ବ୍ୟବହାର। ରୋଗୀଟିଏ ଯନ୍ତ୍ରଣାସିକ୍ତ ଭାବରେ ଆସିଥାଏ ଉପଶମ ପାଇବା ପାଇଁ। ଡାକ୍ତର ତ ଦ୍ୱିତୀୟ ଭଗବାନ କିନ୍ତୁ ଡାକ୍ତରଙ୍କୁ ସାକ୍ଷାତ ପୂର୍ବରୁ ଓ ସାକ୍ଷାତ ପରେ ଏହି ବ୍ୟକ୍ତିତ୍ୱଙ୍କ ସେବା, ସ୍ନେହ, ମମତା, ଭଲପାଇବାର ପରଶମଣି ସେମାନଙ୍କ ଯନ୍ତ୍ରଣାକୁ ସମ୍ପୂର୍ଣ୍ଣ ଲୋପ କରିଦେଇଥାଏ।

ଏମାନେ କିନ୍ତୁ ସୁଶାନ୍ତର ଚକ୍ଷୁ ଅବହେଳା ପରି ରୋଗୀକୁ ସ୍ନେହ ଶ୍ରଦ୍ଧା ଦେବାରେ ହେଳା କରିନଥାନ୍ତି। ଅନୁରାଗ ବାବୁ ତାଙ୍କ ଜୀବନରେ ହେଳା ତ ପ୍ରଶ୍ନ ଉଠୁନି ବରଂ ଯେଉଁ ସେବା ଓ ଉତ୍ସର୍ଗୀକୃତ ମନୋଭାବର ପ୍ରଶଂସା ଓ ସମ୍ମାନ ଆଶୀର୍ବାଦ ଅନେକଙ୍କ ଠାରୁ ପ୍ରାପ୍ତ ହେଉଛନ୍ତି ତାହା ତାଙ୍କ ପାଇଁ ମୂଲ୍ୟବାନ। କୋଟି କୋଟି ମୁର୍ମୁଷୁ ନୂଆ ଜୀବନ ପାଇ ଚକ୍ଷୁ ଦ୍ୱାରା ସମାଜ ଓ ସଂସାରକୁ ଦେଖିବାର ଯେଉଁ ଆଲୋକ ପାଇଥାନ୍ତି ତାର ନେପଥ୍ୟ ଏହି ମହନୀୟ ଡାକ୍ତର ବାବୁଙ୍କର। ଆସନ୍ତୁ ନିଜ ନିଜ ଜୀବନରେ ହେଳା କରି ଭେଳା ବୁଡ଼ାଇବା ନାହିଁ। କାରଣ ଅନେକ ସମୟରେ ନିଜ ହେଳା ସହ ଅନ୍ୟମାନଙ୍କର ବି ଭେଳା ବୁଡ଼ିଯାଏ। ଏହାକୁ ମନେରଖି ଜୀବନକୁ ଆଗେଇ ନେବା ଉଚିତ।

ବିଡ଼ାନାସୀ ବନ୍ଧଛକ, କଟକ
ଦୂରଭାଷ : ୯୭୭୮୬୩୫୯୨୬

# ହିଂସା ଓ ପ୍ରତିହିଂସାର ପୃଷ୍ଠଭୂମି

॥ ଗୋପବନ୍ଧୁ ॥

ହିଂସାରୁ ଜାତ ପ୍ରତିହିଂସା । ପ୍ରତିହିଂସା ହେଉଛି ହିଂସାର ପ୍ରତିକ୍ରିୟା । ଘୃଣା, ଦ୍ୱେଷ ଓ ଅସହିଷ୍ଣୁତାରୁ ହିଂସାଭାବ ଜାତ ହୁଏ । ପୁଣି ହିଂସାରୁ ପ୍ରତିହିଂସା ଜାତହୁଏ ଏବଂ ଏ ପ୍ରକ୍ରୀୟା ଆଗକୁ ବଢ଼ିଚାଲେ । ଏହା ହଠାତ୍ ସମାପ୍ତ ହୁଏ ନାହିଁ । କ୍ରମେ ସଂକ୍ରମିତ ହୋଇ ଆହୁରି ବଢେ । ସାମାଜିକ ପରିବେଶ ଏପରି ଭାବନାକୁ ମନୁଷ୍ୟର ମନରେ ରୋପିତକରେ । କ୍ରମେ ତାହା ଦାନାବାନ୍ଧେ ଏବଂ ସମସାମୟିକ ପରିସ୍ଥିତି ଏହାକୁ ଆହୁରି ପରିବ୍ୟାପ୍ତ ଓ ପରିପକ୍ୱ କରେ । ହିଂସା ଓ ପ୍ରତିହିଂସା ଯେତେବେଳେ ସାମାଜିକ ଚେତନାର ରୂପନିଏ ଏହା ପିଢିପରେ ପିଢି ଉଦଜିବିତ ରହେ । ଏପରି ଭାବନାକୁ ପବନ ଦେବାରେ ପରିବାର, ଜାତି, ଧର୍ମ ଓ କେତେକ କ୍ଷେତ୍ରରେ ଶିକ୍ଷାବ୍ୟବସ୍ଥା ଆଦୌ ଅବହେଳା କରେନାହିଁ । ରାଜନୈତିକ ପରିବେଶ ଯେତେବେଳେ ଏପରି ପରିସ୍ଥିତିରୁ ଫାଇଦା ନେବାକୁ ଚେଷ୍ଟାକରେ ସେତେବେଳେ ଏହା ରାଷ୍ଟ୍ରୀୟ ରୂପରେଖ ଧାରଣକରେ ଏବଂ ରାଷ୍ଟ୍ର ହିଂସାବାଦର ପୃଷ୍ଠପୋଷକ ବନିଯାଏ। ପ୍ରାରମ୍ଭିକ ଅବସ୍ଥାରେ ଏପରି ପରିସ୍ଥିତି ରାଜନୈତିକ ଫାଇଦା ଦିଏ । ଯେତେବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ ସେତେବେଳେ ଏହା ଭୟଙ୍କର ରୂପ ଧାରଣକରେ। ବାଘ ପିଞ୍ଜରା ଭିତରେ ଥିବା ପର୍ଯ୍ୟନ୍ତ ନିୟନ୍ତ୍ରଣରେ ଥାଏ । ପିଞ୍ଜରାରୁ ବାହାରିଗଲେ ତାକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇଯାଏ । ଠିକ୍ ସେହିପରି ନିଜ ସ୍ୱାର୍ଥପାଇଁ ଯେଉଁ ହିଂସାର ମଞ୍ଜି ବୁଣାଯାଏ, ତାହା କ୍ଷୀପ୍ରଭାବେ ବଂଶ ବିସ୍ତାରକରେ ଓ ପର୍ଯ୍ୟାୟକ୍ରମେ ନିୟନ୍ତ୍ରଣ ବାହାରକୁ ଚାଲିଯାଏ। ପୁଣି ଏହାକୁ ନିୟନ୍ତ୍ରିତ କରିବାପାଇଁ କଷ୍ଟସାଧ ଓ ସମୟସାପେକ୍ଷ ହୁଏ।

ଭାରତବର୍ଷରେ ଧାର୍ମିକ ଓ ଜାତିଗତ ବିଦ୍ୱେଷର ମଞ୍ଜି ବହୁପୂର୍ବରୁ ବୁଣାହୋଇଛି । ସ୍ୱାଧୀନତାପରେ ଏହାର ମୂଳୋତ୍ପାଟନ ହେବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଏବେ ଏହା ନୂତନ ରୂପରେ ଓ ନୂତନ ଢଙ୍ଗରେ କାୟା ବିସ୍ତାର କରୁଛି । ରାଜନୀତି ଏଦିଗରେ ମୁଖ୍ୟଭୂମିକା ଗ୍ରହଣ କରିଛି । ଶାନ୍ତି, ମୈତ୍ରୀ, ସମାନତା, ମାନବତା, ପ୍ରଗତିଶୀଳତା ପ୍ରଭୃତି ମହନୀୟ ଗୁଣକୁ ଆଧାରକରି ରାଜନୀତି କରିବା ପରିବର୍ତ୍ତେ ହିଂସା-ପ୍ରତିହିଂସା, ଘୃଣା-ଦ୍ୱେଷ, ଭଙ୍ଗା-ରୁଜା, ଗାଳି-ଗୁଲଜ, ରାଗ-ପ୍ରତିଶୋଧର ରାଜନୀତି ଆରମ୍ଭ ହୋଇଛି । ବିକାଶ ପରିବର୍ତ୍ତେ ଧାର୍ମିକ ଉନ୍ମାଦନା ସୃଷ୍ଟିକୁ ମୁଖ୍ୟ ବିଷୟଭାବେ ଗ୍ରହଣ କରାଯାଉଛି । ଧାର୍ମିକ ବିଦ୍ୱେଷର ମଞ୍ଜିବୁଣି ଧର୍ମ ଆଧାରରେ ଭୋଟର ଧ୍ରୁବୀକରଣ ପାଇଁ ପ୍ରୟାସ ହେଉଛି । ହିନ୍ଦୁ ଭୋଟର ଏକତ୍ରୀକରଣ, ମୁସଲମାନ ଭୋଟର ଏକତ୍ରୀକରଣ, ଶିଖ୍ ଭୋଟର ଏକିତ୍ରିକରଣ, ଲିଙ୍ଗାୟ୍ତ ଭୋଟର ଏକତ୍ରୀକରଣ ପାଇଁ ଚେଷ୍ଟା ହେଉଛି । ଏଥିପାଇଁ ଧାର୍ମିକ ବିଦ୍ୱେଷ ବିଷୟ ଖୋଜା ହେଉଛି ଓ ଲୋକଙ୍କ ମଧ୍ୟରେ ବଣ୍ଟା ହେଉଛି । ଧାର୍ମିକ ମଞ୍ଚରୁ ଗୋଟିଏ ଧର୍ମର ବଡବଡ଼ିଆମାନେ ଅନ୍ୟ ଧର୍ମର ଲୋକଙ୍କୁ ଗାଳି ଦେଉଛନ୍ତି । ରାଜନୈତିକ ମଞ୍ଚରୁ ମଧ ଧର୍ମ ଭିତ୍ତିରେ ଗାଳିଗୁଲଜ ହେଉଛି । ସମାଜରେ, ପରିବାରରେ, ଚା ଖଟିରେବି ଧାର୍ମିକ ଓ ଜାତିଗତ ବିଦ୍ୱେଷ ସୃଷ୍ଟି କରାଯାଉଛି । ଶିଶୁଟି ଜନ୍ମରୁ ଭିନ୍ନଧର୍ମ ଓ ଜାତିପ୍ରତି ଧାର୍ମିକ ଓ ଜାତିଗତ ଘୃଣା ଶୁଣି ଶୁଣି ବଢୁଛି ।

ଧର୍ମଭିତ୍ତିକ ରାଜନୈତିକ ଦଳ ଓ ଧାର୍ମିକ କଟ୍ଟରବାଦୀ ସଂଗଠନ ଯୋଗୁଁ ଧାର୍ମିକ ମୌଳବାଦ ବଢୁଛି । ଧର୍ମ ଆଧାରରେ ମୋବ୍ ଲିନଚିଂ ହେଉଛି । ଜାତି ଆଧାରରେ ଦଳିତମାନଙ୍କୁ ନିର୍ଯାତନା ଦିଆଯାଉଛି । ତାଙ୍କୁ ହତ୍ୟା ମଧ କରାଯାଉଛି । ଯେଉଁଠାରେ ହିଂସା ଅଛି ସେଠାରେ ପ୍ରତିହିଂସା ମଧ ଅଛି । ନିଉଟନଙ୍କ ନିୟମ ଅନୁସାରେ ପ୍ରତ୍ୟେକ କ୍ରିୟାର ସମାନ ପ୍ରତିକ୍ରିୟା ରହିଛି । ତୁମେ ଯଦି ହିଂସା କରୁଛ ତେବେ ତୁମକୁ ପ୍ରତିହିଂସାର ସମ୍ମୁଖୀନ ହେବାପାଇଁ ପ୍ରସ୍ତୁତ ରହିବାକୁ ହେବ । ଏବେ ଦେଶରେ ଯେଉଁ ଧାର୍ମିକ ହିଂସା ଅନୁଷ୍ଠିତ ହେଉଛି ତାହାର ସୃଷ୍ଟି ତତକ୍ଷଣାତ ନୁହେଁ । ଏହା ଦୀର୍ଘ ମାନସିକତାର ପ୍ରତିଫଳନ । ଧର୍ମ ଓ ଜାତିକୁ ନେଇ ଯେଉଁ ହିଂସାତ୍ମକ ଚେତନା ସମାଜରେ ଘୁରିବୁଲୁଛି, ତାହା ବେଳେବେଳେ କର୍ମରେ ପ୍ରକାଶିତ ହୁଏ । ଫଳରେ ହତ୍ୟା, ଗଣହତ୍ୟା, ମୋବ୍ ଲିନଚିଂ, ସାମ୍ପ୍ରଦାୟିକ ଦଙ୍ଗା, ଧର୍ମାନୁଷ୍ଠାନ ପୋଡ଼ାଜଳା, ଧର୍ମ ଓ ଜାତିକୁ ନେଇ ଗାଳିଗୁଲଜ ଇତ୍ୟାଦି ସମ୍ମୁଖକୁ ଆସୁଛି । ନିକଟରେ ରାଜସ୍ଥାନର ଉଦୟପୁରରେ ହୋଇଥିବା ଜଘନ୍ୟ ହତ୍ୟା ମଧ ଏହାର ପ୍ରତିଫଳନ । ଦୁଇଜଣ ଭିନ୍ନ ସମ୍ପ୍ରଦାୟର ଯୁବକ ନନ୍ଦଲାଲକୁ ହତ୍ୟା କରିବା, ନନ୍ଦଲାଲ ନୂପୁର ଶର୍ମାର ସପକ୍ଷରେ ସାମାଜିକ ଗଣମାଧ୍ୟମରେ ଲେଖିବା, ନୂପୁର ଶର୍ମା ଦୂରଦର୍ଶନ ଆଲୋଚନାରେ ଇସଲାମ୍ ଧର୍ମଗୁରୁଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେବା, ସେ କୋଉଠୁ ନା କୋଉଠୁ ଏ ବିଷୟରେ ଶିକ୍ଷାଲାଭ କରିବା, ପ୍ରତିପକ୍ଷ ମଧ୍ୟ ତାଙ୍କୁ ଉସୁକାଇବା, ସାମାଜିକ ପ୍ରତିକ୍ରିୟାକୁ ସେମାନେ ଦୂରଦର୍ଶନରେ ରଖିବା ଇତ୍ୟାଦି ସମସ୍ତ ବିଷୟ ଗୋଟିଏ ଲମ୍ବା ଶିକୁଳିର ଗୋଟିଏ ଗୋଟିଏ କଡି ମାତ୍ର। ଏ ସମସ୍ତ ପାଇଁ କାହାକୁ ଦାୟୀ କରାଯିବା ଉଚି ? ଯିଏ ପରଦାର ସମ୍ମୁଖରେ ହିଂସା ପ୍ରଦର୍ଶନ କରୁଛି ସିଏ ନା ଯିଏ ଏଥିପାଇଁ ସମାଜରେ ବିଷମଞ୍ଜି ବୁଣିଆସିଛି ସିଏ ? ପ୍ରକୃତପକ୍ଷେ ଉଭୟେ ଦାୟୀ । ଯେଉଁ ରାଜନୈତିକ ଦଳ ଓ ସଂଗଠନଗୁଡ଼ିକ ଏହି ମାନସିକତାର ପୃଷ୍ଠପୋଷକତା କରିଆସିଛନ୍ତି ସେମାନେ ଅଧିକ ମାତ୍ରାରେ ଦାୟୀ । ଯେଉଁ ଗଣମାଧ୍ୟମଗୁଡ଼ିକ ବିଶେଷକରି ଦୂରଦର୍ଶନ ଚାନେଲଗୁଡ଼ିକ ଦିନରାତି ଘୃଣାର ମଞ୍ଜି ବୁଣି ଚାଲିଛନ୍ତି ସେମାନେ ମଧ୍ୟ ଖସିଯାଇ ପାରିବେ ନାହିଁ।

ବାରିପଦା, ମୟୁରଭଞ୍ଜ, ମୋ. ୭୦୦୮୯୭୬୧୮୦

## ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ସାଧାରଣ ସଭା

ପାଟଣାଗଡ଼ ( ମହାଭାରତ ) ବେଲପଡା ସ୍ଥାନୀୟ ନବୀନ ନିବାସ ସଭାଗୃହ ଠାରେ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି ସଭାରେ ପବିତ୍ର ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ସଭାରେ ବିଦ୍ୟୁତ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଯଥା -କର୍ମଚାରୀ ମାନଙ୍କ ଦରମା ବୃଦ୍ଧି,ସ୍ୱାସ୍ଥ୍ୟ କାର୍ଡରେ ପରିବାରର ସମସ୍ତ ସଦସ୍ୟଙ୍କୁ ସାମିଲ କରିବା, ବ୍ୟକ୍ତିଗତ ବୀମା ପ୍ରଦାନ,ବି. ଏ. କର୍ମଚାରୀ ମାନଙ୍କର ଦୈନିକ ଆଠ ଘଣ୍ଟା କାର୍ଯ୍ୟ କରିବା ପାଇଁ ନିର୍ଦ୍ଧାରିତ ସହ ଆଠ ଘଣ୍ଟାରୁ ଅଧିକ ହେଲେ ଓ. ଟି. କରି ଅଧିକ ପାରିଶ୍ରମକ ଦେବା,ସବୁ କର୍ମଚାରୀ ମାନଙ୍କର ପରିଚୟ ପତ୍ର ଶୀଘ୍ର ବଣ୍ଟନ କରିବା,ଜାତୀୟ ଛୁଟିଦିନର ପାରିଶ୍ରମିକ ଦେବା,ଓ୍ୱେରେମେନ ଏମ. ଭି. ଲାଇସେନ୍ସ ଥିବା ସବୁ ହେଲ୍ପର ମାନଙ୍କୁ ଲାଇନ ମେନ ଭାବେ ପ୍ରମୋସନ କରିବା,ବେଲଗାଁ ଓ ସିନ୍ଧେକେଲାରେ କର୍ମଚାରୀଙ୍କର ଦୁର୍ଘଟଣା ହୋଇଛି। ଶୀଘ୍ର ବୀମା ରାଶି ପ୍ରଦାନ କରିବା,ଦୁଇ ଚକିଆ ଯାନ ବ୍ୟବହାର କରୁଥିବା କର୍ମଚାରୀ ମାନଙ୍କୁ ଟ୍ରାଭେଲ ଇଲାଉନ୍ସ ଦେବା,ଫିଲଡ୍ ରେ କାମ କରୁଥିବା ସମୟରେ ଅସ୍ଥାୟୀ କର୍ମଚାରୀଙ୍କ ସହିତ ରେଗୁଲାର କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରିବା,କର୍ମଚାରୀ ମାନଙ୍କ ଇ. ପି.ଏଫ ସମସ୍ୟା ଶୀଘ୍ର ସମାଧାନ କରିବା,ମାର୍ଚ୍ଚ ମାସର ଇନସେନଟିଭ ଟଙ୍କାକୁ ସମାନ ଭାଗରେ ବଣ୍ଟନ କରିବା,ସିନିୟରିଟି ହିସାବରେ ଦରମା ଦେବା ବିଷୟରେ ଆଲୋଚନା କରି ଉଚ୍ଚ ପଦସ୍ଥ ଅଧିକାରୀ ଏହି ଦିଗରେ ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ ହୋଇଥିଲା। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ବିତ ପଣ୍ଡା, ରଞ୍ଜିତ ଲେଙ୍କା, ସରୋଜ ସାହୁ, ସଂଗଠନର ବିଭିନ୍ନ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସଂଯୋଗ ମହାଲିଙ୍ଗ ସଭା ପରିଚାଳନା କରିଥିଲେ । ଶୀତନ ମିଶ୍ର ଧନ୍ୟବାଦ ଦେଇଥିଲେ ସଭାରେ ଶତାଧିକ ବିଦ୍ୟୁତ କର୍ମଚାରୀ ଉପସ୍ଥିତ ଥିଲେ ।

## ସୀମା ବାହାରେ ସୁନା ଦର : ନୟାଗଡ଼ରେ ଗ୍ରାହକଙ୍କ ମନରେ ଛନକା



ନୟାଗଡ଼, ( ମହାଭାରତ ) : ସୀମା ବାହାରେ ସୁନା ଦର। ଦିନକୁ ଦିନ ସୁନା ର ବୃଦ୍ଧି ଏବେ ନୟାଗଡ଼ରେ ଗ୍ରାହକଙ୍କ ମନରେ ଛନକା ଦେଇଛ।ଏଥିପାଇଁ ସୁନା ଦୋକାନ ଗୁଡ଼ିକରେ ସୁନା କିଣିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବା ପାଇଁ ମିଳିଛି। ଲୋକଙ୍କ ଅଭିଯୋଗ ସୁନା ଦର ଆକାଶ ଛୁଆଁ ହୋଇଛି। ସୁନା ଦରରେ ଲଗାମ ରହୁ ନାହିଁ। ଦିନ କୁ ଦିନ ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର। ପ୍ରତ୍ୟେକ ଦିନ ଏକ ହଜାର ରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ବଢୁଛି ସୁନା ଦର। ଏହାକୁ ନେଇ ଛାନିଆ ମଧ୍ୟ ବର୍ଗର ଲୋକ ମାନେ। ସେମାନଙ୍କର ଅଭିଯୋଗ ଏବେ କିଛି ଦିନ ହେଲା ଲଗାତାର ଭାବେ ସୁନା ମୂଲ୍ୟ ଉପରେ ରୋକ୍ ଲାଗୁନାହିଁ। ଆଗକୁ ବିବାହ ଏବଂ ବ୍ରତ ଆସୁଛି। ଏଭଳି ସୁନା ଦରର ବୃଦ୍ଧି ଏବେ ଲୋକଙ୍କ ମନରେ ଛନକା ପଶାଇଛି। ତେଣୁ ବାଧ୍ୟ ହୋଇ ସୁନା କିଣିବା ପାଇଁ ନୟାଗଡ଼ରେ ଏବେ ସୁନା ଦୋକାନ ଗୁଡ଼ିକ ରେ ଅସମ୍ଭାଳ ଭିଡ଼ ହେଉଛି।ସାଧାରଣ ଲୋକ ଙ୍କ କହିବା ଅନୁସାରେ କାଳେ ଆଗକୁ ସୁନା ସଟେଜ୍ ହେବ ଏବଂ ଆହୁରି ରେଟ୍ ବଢ଼ି ଯିବ ସେ ଭୟରେ ସୁନା କିଣିବା ପାଇଁ ସୁନା ଦୋକାନ ମାନଙ୍କରେ ନାହିଁ ନଥିବା ଭିଡ ହେଉଛି। ସେପଟେ ସେୟାର ମାର୍କେଟର ପ୍ରଭାବ ସୁନା ଉପରେ ପଡ଼ିଥିବା ସୁନା ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛ।

## ପାରାଦ୍ୱୀପ ରେ ସ୍କୁଲ ପିଲାମାନଙ୍କ ପାଇଁ ଏଏମ/ଏନଏସ ପୋର୍ଟସ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



ପାରାଦ୍ୱୀପ, (ନିପ୍ର) ବିଶ୍ୱ ଦୃଷ୍ଟି ଦିବସ ପାଳନ କରିବା ଅବସରରେ ଏମଏମ/ଏନଏସ ପୋର୍ଟସ୍ ଏହାର ପ୍ରମୁଖ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପ୍ରୟାସ, 'ଆରୋଗ୍ୟ' ପ୍ରୋଜେକ୍ଟ ଅଧୀନରେ ଲକପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା।ଏହି ପଦକ୍ଷେପ ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ 'ଲଭ୍ ୟୋର ଆଇଜ୍' ସହିତ ସଂଯୁକ୍ତ, ଯାହାର ଲକ୍ଷ୍ୟ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚକ୍ଷୁ ଯତ୍ନ ପ୍ରତି ସଚେତନତା ସୃଷ୍ଟି କରିବା। ଶିକ୍ଷକ ଏବଂ କର୍ମଚାରୀଙ୍କ ସହିତ ୯୦ ରୁ ଅଧିକ ଛାତ୍ରଛାତ୍ରୀଙ୍କର ଜେପିଏମ ରୋଟାରୀ ଚକ୍ଷୁ ହସ୍ପିଟାଲର ଚକ୍ଷୁ ବିଶେଷଜ୍ଞ ଡକ୍ଟର ସୌମ୍ୟା ସୁଚରିତା ଏବଂ ଅଙ୍କିତା ରାଉତଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅନେକ ପିଲାଙ୍କର ସାମାନ୍ୟ ଦୃଷ୍ଟି ସମସ୍ୟା ଚିହ୍ନଟ କରାଯାଇଥିଲା ଏବଂ ସେମାନଙ୍କୁ ସଂଶୋଧନାତ୍ମକ ଚଷମା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା, ଯାହା ପାରାଦ୍ୱୀପର ଏମଏମ/ଏନଏସ ପୋର୍ଟସ୍ ର ଭିଜନ୍ ସେ□ର ଦ୍ୱାରା ମାଗଣାରେ ପ୍ରଦାନ କରାଯିବ। ଡାକ୍ତରମାନେ ଚକ୍ଷୁ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ଦୈନନ୍ଦିନ ଅଭ୍ୟାସ ବିଷୟରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ।ଏହି କାର୍ଯ୍ୟକ୍ରମ ଲକପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ କାହ୍ନୁ ଚରଣ ବେହେରାଙ୍କ ତ□ାବଧାନରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଶିକ୍ଷୟିତ୍ରୀ ଶ୍ରୀମତୀ ସୁମିତ୍ରା ପାଣିଗ୍ରାହୀ, ଶ୍ରୀମତୀ ଯଶୋବନ୍ତୀ ଦାସ ଏବଂ ଶ୍ରୀମତୀ ମିନତୀ ସାହୁ ସହାୟତା ପ୍ରଦାନ କରିଥିଲେ।ଜେପିଏମ ରୋଟାରୀ ଚକ୍ଷୁ ହସ୍ପିଟାଲରେ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ଚକ୍ଷୁ ସ୍କ୍ରିନିଂ ଏବଂ ୩୫୦୦ରୁ ଉର୍ଦ୍ଧ୍ୱ ମାଗଣା ମୋତିଆବିନ୍ଦୁ ଅସ୍ତ୍ରୋପଚାର ସୁବିଧା ଯୋଗାଇ ଏମଏମ/ଏନଏସ ପୋର୍ଟସ୍ ର ଭିଜନ ସେ□ର ଏକ ଉଲ୍ଲେଖନୀୟ ମାଇଲଖୁ□ ହାସଲ କରିଛି। ଏମଏମ/ଏନଏସ ପୋର୍ଟସ ଆଖପାଖ ଅଞ୍ଚଳର ବାସିନ୍ଦାମାନଙ୍କୁ ମାଗଣା ଚକ୍ଷୁ ପରୀକ୍ଷା ଏବଂ ଦୃଷ୍ଟି ସହାୟତା ପ୍ରଦାନ କରିଆସୁଛି, ଯାହା ସୁଲଭ ସ୍ୱାସ୍ଥ୍ୟସେବା ଏବଂ ସାମୁଦାୟିକ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି।

## ଅପରାଧ ନିୟନ୍ତ୍ରଣ କରିବାରେ ଜିଲ୍ଲା ପୁଲିସ ଫେଲ୍

# ଦେଢ଼ ବର୍ଷରେ ୫୦ ହତ୍ୟା, ୧୧୧ ଦୁଷ୍କର୍ମ, ୪୧୨ ଚୋରି



ନୟାଗଡ଼, ( ମହାଭାରତ ) : ଜିଲ୍ଲାରେ ଅପରାଧ ଓ ଅପରାଧୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଉଥିବା ପଦେକ୍ଷପ କାମରେ ଆସୁନି। ନୟାଗଡ଼ ଜିଲ୍ଲାରେ ଏବେ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇଥିବା ବେଳେ ଅପରାଧୀଙ୍କ ପାଖରେ ପହଞ୍ଚିବା ପାଇଁ ପୁଲିସକୁ ଜୋଦାର୍ କସରତ କରିବାକୁ ପଡୁଛି। ଏହି ଦେଢ଼ ବର୍ଷର ତାଲିକାରେ ହତ୍ୟା, ଡକାୟତୀ, ଚୋରି, ଦୁଷ୍କର୍ମ ଓ ଦଙ୍ଗା ପରି ଜଘନ୍ୟ ଅପରାଧ ବଢୁଥିବା ଦେଖିବାକୁ ମିଳିଛି। ଯଦିଓ ଏହି ମାମଲା ଗୁଡ଼ିକରେ ପୁଲିସ ଆସାମୀ ମାନଙ୍କୁ ଗିରଫ କରୁଛି। ତଥାପି ଅଧିକାଂଶ ମାମଲାରେ ଏବେ ବି ଆସାମୀ ମାନେ ଫେରାର ଥିବା ଜଣାପଡ଼ିଛି। କିଛି ପେଷାଦାର ଅପରାଧୀ ବାରମ୍ବାର ଜେଲ୍ରୁ ଆସି ପୁଣି ଥରେ ଅପରାଧ ଜଗତରେ ପାଦ ଥାପୁଥିବା ଦେଖିବାକୁ ମିଳୁଛି। ୨୦୨୪ରୁ ଚଳିତ ବର୍ଷ ଜୁଲାଇ ମାସ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ମୁତାବକ, ଏହି ଦେଢ଼ ବର୍ଷ ମଧ୍ୟରେ ନୟାଗଡ଼ ଜିଲ୍ଲାରେ ୫୦ଟି ହତ୍ୟା, ୧୬୦ଟି ଡକାୟତୀ, ୫୧ଟି ରାହାଜାନି, ୪୧୨ଟି ଚୋରି, ୧୧୧ ଦୁଷ୍କର୍ମ ଓ ତିନି ଜଣ ଗୁଣଦୁଷ୍କର୍ମର ଶିକାର ହୋଇଛନ୍ତି। ୨୦୨୫ ଶେଷ ହୋଇନଥିବା ବେଳେ ଏହି ସଂଖ୍ୟାରେ ଆହୁରି ବୃଦ୍ଧି ପାଇବ ବୋଲି ସ୍ପଷ୍ଟ ଭାବେ ଜଣାପଡୁଛି। ଜିଲ୍ଲାର ଉପାନ୍ତ ଅଞ୍ଚଳରୁ ଏବେ ବି ସମସ୍ତ ମାମଲା ଥାନାକୁ ଆସିପାରୁ ନାହିଁ ନଚେ୍ ଥାନାରେ ମାମଲା ଗୁଡ଼ିକର ସଂଖ୍ୟା ଆହୁରି ବୃଦ୍ଧି ପାଆନ୍ତା ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଏହି ମାମଲା ଗୁଡ଼ିକର ତଦନ୍ତ କରି ପୁଲିସ ହତ୍ୟା ମାମଲାରେ ୫୩ ଜଣଙ୍କୁ ଗିରଫ କରିଥିବା ବେଳେ ୧୩ ଜଣଙ୍କୁ ହତ୍ୟା ଉଦ୍ୟମ, ୫୦ ଲୁଟେରା, ୯୩ ଜଣ ଡକାୟତ, ୨୩୪ ଜଣ ଚୋର, ୩୦ ଜଣଙ୍କୁ ଦୁଷ୍କର୍ମ ଓ ୮ ଜଣଙ୍କୁ ଗଣଦୁଷ୍କର୍ମ ମାମଲାରେ ଗିରଫ କରିଛି। ଫେରାର ଥିବା ଅନ୍ୟ ମାନଙ୍କୁ ଗିରଫ କରାଯିବା ପାଇଁ ପ୍ରୟାସ ଜାରି ରହୁଛି ବୋଲି ପୁଲିସ ପକ୍ଷରୁ କୁହାଯାଉଛି। ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ହଠାତ ବୃଦ୍ଧି ପାଇଥିବା ଚୋରି ଓ ଡକାୟତୀକୁ ନେଇ ପୁଲିସ ଅଡୁଆରେ ପଡ଼ିଛି। ପୂର୍ବରୁ ଜିଲ୍ଲାର ଗୋଟିଏ ପରେ ଗୋଟିଏ ପ୍ରସିଦ୍ଧ ମନ୍ଦିରରୁ ଚୋରି କରି ବୌଦ୍ଧ ଅଞ୍ଚଳର ଜଣେ ଯୁବକ ପୁଲିସର ନିଦ ହଜାଇ ଦେଇଥିଲା। ସେହିପରି ନୟାଗଡ଼ ସହରରେ ସ୍ୱଷ୍ଟ ଦିବାଲୋକରେ ସିରିଜ୍ ଚୋରି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଥିଲା। ଏମିତିକି ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟରତ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଘର ମଧ୍ୟ ଏହି ଚୋରଙ୍କ ନଜରରୁ ବାଦ୍ ପଡ଼ି ନଥିଲା। ଏହାକୁ ବାଦ୍ ଦେଲେ ରାହାଜାନି ଓ ଛିନ୍ତାଇ ମଧ୍ୟ ରୀତିମତ ଚାଲୁ ରହିଛ। ଏବେ ବି ସହରରେ ସିସିଟିଭି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉନାହିଁ। ସହରରେ ଲାଗିଥିବା ୫୬ ସିସିଟିଭିରୁ ଏବେ ମାତ୍ର ୫ଟି କାମ କରୁଥିବା ବେଳେ ଅନ୍ୟ ଗୁଡ଼ିକ ଅଚଳ ଅବସ୍ଥାରେ ପଡ଼ିଛି। ଯାହାକି ବିଭିନ୍ନ ସମସ୍ୟାରେ ପୁଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ଅପରାଧ ଓ ଅପରାଧୀ ମାନଙ୍କୁ ଟ୍ରାକ୍ କରିବାରେ ପୁଲିସକୁ ନାକେଦମ୍ ହେବାକୁ ପଡୁଛି। ଏଣୁ ଅପରାଧ ନିୟନ୍ତ୍ରଣ କରିବା ଦିଗରେ ସୃଷ୍ଟି ହେଉଥିବା ବାଧା ଦୂର କରିବା ସହ ଜିଲ୍ଲା ପୁଲିସକୁ ଆହୁରି ଦକ୍ଷ ହେବାକୁ ପଡ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ମାତ୍ର ୨୫ ହଜାର ଟଙ୍କାରେ ଜନ୍ମ କଲା ଛୁଆକୁ ବିକିଲା ମା

### ପେଟର ଭୋକ ପାଇଁ ଛୁଆକୁ ବିକିଲା ମା



ସୁନ୍ଦରଗଡ଼(ମହାଭାରତ): ପେଟ ପାଇଁ ସବୁ ନାଟ । ଏଇ ପେଟ ଚାଖଣ୍ଡକ ପାଇଁ ଗୋଟିଏ ମା କିଛି ଟଙ୍କାରେ ବିକ୍ରି କରିଛି ତାର ଛୁଆକୁ। ସରକାର ଆଦିବାସୀ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ସରକାରଙ୍କ ଯୋଜନା ପ୍ରକୃତ ହିତାଧିକାରୀ ପାଖରେ ପହଁଚି ପାରୁନି । ନିଜ ପେଟର ଭୋକକୁ ମେ□ଇବା ପାଇଁ ନିଜ ଜନ୍ମ କଲା ଛୁଆକୁ କିଛି ଟଙ୍କାରେ ବିକ୍ରି କରିଛି ଜଣେ ଆଦିବାସୀ ମା।ଏମିତି ଛାତି ପଟା ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ରାଜ୍ୟ ରାଜ କୋଷକୁ ହଜାର ହଜାର କୋଟି ରାଜସ୍ୱ ଦେଉଥିବା ଖଣି ରାଜଧାନୀ ସୁନ୍ଦରଗଡ଼ ଜିଲ୍ଲା କୋଇଡା ଖଣି ଅଞ୍ଚଳରେ । କୋଇଡା ବ୍ଲକ ପାଟମୁଣ୍ଡା ପଞ୍ଚାୟତର ପାଟମୁଣ୍ଡା ହଟିଙ୍ଗରେ ରହୁଥିବା ପାଉଲୁସ ଲୁଗୁନଙ୍କ ସ୍ତ୍ରୀ ପାର୍ବତୀ ଲୁଗୁନ ଆର୍ଥିକ ଅନଟନ ଓ ପେଟର ଭୋକକୁ ମେ□ଇବା ପାଇଁ ନିଜ ଜନ୍ମ କଲା ଛୁଆକୁ ମାତ୍ର ୨୫ ହଜାର ଟଙ୍କାରେ ବିକ୍ରି କରିଛି । ସୂଚନାନୁଯାୟୀ ମା ପାର୍ବତୀ ଲୁଗୁନ ପୁଅ , ୩ଝିଅ ଓ ଶାଶୁଙ୍କ ସହିତ ପାଟମୁଣ୍ଡା ହଟିଙ୍ଗ ରେ ରହୁଥିଲେ ।ସେ ଗର୍ଭବତୀ ଥିବାରୁ ଆଶା ଦିଦି ଓ ଅଙ୍ଗନୱାଡି କର୍ମୀ ତାଙ୍କୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପରୀକ୍ଷା କରି ମା ଗୃହରେ ଛାଡିଥିଲେ । ପରେ ସେ ରାଉରକେଲା ସରକାରୀ ଡାକ୍ତରଖାନାରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ ସେଠାରେ ଏକ ଦିଦିଙ୍କ କଥାରେ ନିଜ ଛୁଆକୁ ବିକିବାକୁ ୫୦ ହଜାର ଟଙ୍କାର ଡିଲ ହୋଇଥିବା ବେଳେ ଅଗ୍ରିମ ୨୫ ହଜାର ଟଙ୍କା ଆଣି ଛୁଆକୁ ବିକ୍ରି କରିଥିଲା ମା । କିଛିଦିନ ପରେ ସେ ଛୁଆକୁ ନ ଆଣି ଏକା ଘରକୁ ଫେରିଥିଲେ ଏହା ଦେଖି ଆଶା ଦିଦି ତାଙ୍କୁ ଛୁଆ ବିଷୟରେ ପଚାରିବାରୁ ନିଜେ ଚଳିବା ସହିତ ପରିବାର ମୁହଁରେ ଟିକେ ଦାନା ଦେବାକୁ ଛୁଆକୁ ବିକ୍ରି କରିଥିବା କହିଥିଲେ । ଖବର ସାରା ଅଞ୍ଚଳରେ ଖେଳିଯିବା ପରେ ଧରା ପଡିଯିବା ଭୟରେ ମା ପାର୍ବତୀ ଲୁଗୁନ ଘର ଛାଡି କେଉଁଆଡେ ଲୁଚିଛନ୍ତି।ମା କୁ ଖୋଜିବା ସହିତ ଛୁଆକୁ କାହାକୁ ବିକିଛନ୍ତି ଓ ଛୁଆକୁ କିଏ କଣ ପାଇଁ କିନି ଛନ୍ତି ତାହାର ସଠିକ ତଥ୍ୟ ପାଇବା ପାଇଁ କୋଇଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅନିତା ସାହୁ ତଦନ୍ତ ପାଇଁ ଟିମ ଗଠନ କରାଯାଇଛି ଓ ଖୁବଶୀଘ୍ର ଏହାର ସମାଧାନ କରି ଛୁଆକୁ ଫେରାଇ ଆଣିବାକୁ ଚେଷ୍ଟା କରାଯାଉଥିବା କହିଛନ୍ତି।

## ଷ୍ଟେଟ ବ୍ୟାଙ୍କ ତରଫରୁ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ



ଅସ୍ତରଙ୍ଗ(ମହାଭାରତ) : ମଙ୍ଗଳବାର ଅସ୍ତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ପଞ୍ଚାୟତ ସ୍ତରୀୟ ପରିପୂର୍ତ୍ତି ଅଭିଯାନ ଆରମ୍ଭ ହୋଇଛି,ଏହି ଅଭିଯାନ ର ମୁଖ୍ୟ ଉଦ୍ଦେଶ୍ୟ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ଆର୍ଥିକ ସହାୟତା ବିଭିନ୍ନ ଯୋଜନା ମାଧ୍ୟମ ରେ କିପରି ପଞ୍ଚାୟତ ସ୍ତରରେ ସାଧାରଣ ଲୋକ ଙ୍କ ନିକଟରେ ଉତ୍ତମ ଭାବେ ପହଞ୍ଚିବ, ଯଥା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ରେ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା, ସୁରକ୍ଷା ବୀମା, ଅଟଳ ପେନସନ ରେ ପଞ୍ଜିକରଣ, ବାକି ଥିବା ସମସ୍ତ ସଞ୍ଚୟ ଖାତା ର ପୁନଃ କେଓ୍ୱାଇସି, ଦାବୀହୀନ ଜମା ଏବଂ ଡିଜିଟାଲ ଠକାଇ ନିବାରଣ ସଚେତନତା ଅଧିବେଶନ,ସାରା ଦେଶ ରେ ସର୍ବମୋଟ ୨. ୭ ଲକ୍ଷ ଶିବିର ରେ ଦେଶ ର ସବୁ ନାଗରିକ ମାନଙ୍କୁ ଷ୍ଟେଟ ବ୍ୟାଙ୍କ ତରଫରୁ ସଚେତନତା କରାଯାଉଥିବା ବେଳେ ଏହା ଆଜି ଅସ୍ତରଙ୍ଗ ଅଞ୍ଚଳ ରେ ଷ୍ଟେଟ ବ୍ୟାଙ୍କ ଜିଲ୍ଲା ଲିଡ୍ ମ୍ୟାନେଜର ଅନିଲ ଭୋଇ ଓ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକ ବଳରାମ ଦତ୍ତଙ୍କ ନେତୃତ୍ୱ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ପଞ୍ଚାୟତ ର କର୍ମୀ, ଓ୍ୱାର୍ଡ ସଭ୍ୟ ଓ ଅନେକ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ପର୍କ ରେ ଅନୁଗତ ହେବା ସହ ବିଭିନ୍ନ ସାଧାରଣ ଲୋକ ଙ୍କୁ ମଧ୍ୟ ସଚେତନତା କରାଇଛନ୍ତି, ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଶାଖା ପ୍ରବନ୍ଧକ ବଳରାମ ଦତ୍ତ ଙ୍କ ଲୋକ ସେବା, ସୁ ବ୍ୟବହାର ଓ ସରକାର ଙ୍କୁ ବିଭିନ୍ନ ସ୍କିମ ରେ ସାଧାରଣ ଲୋକ ଙ୍କୁ ସେବା ଯୋଗାଇ ଦେବା ଭଳି କାର୍ଯ୍ୟ କୁ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସା କରାଯାଇଛି ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ୭ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କଲେ ସମିତି ସଭ୍ୟ



କେନ୍ଦୁଝର (ମହାଭାରତ): ଜିଲାର ସର୍ବାଙ୍ଗୀନ ଉନ୍ନତି ତଥା ସମିତି ସଭ୍ୟଙ୍କ ସୁବିଧା ପାଇଁ ମଙ୍ଗଳବାର ଦିନ ସମିତି ସଭ୍ୟ ସଂଘର ସଭାପତି ବସନ୍ତ ସାହୁଙ୍କ ଅଧକ୍ଷତା ରେ ଜିଲାର ୨୯୭ ଟି ପଞ୍ଚାୟତ ର ସମିତି ସଭ୍ୟ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ତାଙ୍କର ଦାବି ମଧ୍ୟରେ ଜିଲାର ସଦର ମହକୁମାରେ ଏକ ଅତିଥିଶାଳା ନିର୍ମାଣ, ସଭ୍ୟ ସଭ୍ୟାଙ୍କ ମାସିକ ସିଟିଂ ଆଲାଉନ୍ସ ପ୍ରଦାନ,ପଞ୍ଚାୟତର ଉନ୍ନତି ମୂଳକ କାର୍ଯ୍ୟରେ ସମିତି ସଭ୍ୟ ଓ ସଭ୍ୟାଙ୍କୁ ସାମିଲ କରିବା, ପ୍ରତ୍ୟେକ ପଞ୍ଚାୟତକୁ ଡିଏମଏଫ ପାଣ୍ଠିରୁ ୩୦ ଶତକଡ଼ା ଅନୁଦାନ ପ୍ରଦାନ ସହ ପ୍ରକଳ୍ପ ଚୟନ ଓ କାର୍ଯ୍ୟକାରିତା କ୍ଷେତ୍ରରେ ସମିତି ସଭ୍ୟଙ୍କୁ ଅଗ୍ରାଧିକାର, ବିକଶିତ ଗାଁ ବିକଶିତ ଓଡିଶା ପ୍ରକଳ୍ପ ଚୟନ ଓ କାର୍ଯ୍ୟ କାରିତା କ୍ଷେତ୍ରରେ ସମିତି ସଭ୍ୟଙ୍କୁ ବାଧ୍ୟତାମୂଳକ ଅଗ୍ରାଧିକାର , କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ଘଟିଲେ ଡିଏମଏଫ ରୁ ଏକ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ଓ ନିୟମିତ ପଂଚାୟତ ସମିତି ସଭ୍ୟମାନଙ୍କ ବୈଠକ ର ଆୟୋଜନ ଆଦି ୭ ଦଫା ସମ୍ବଳିତ ଦାବିପତ୍ରକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଜିଲାପାଳ ବିଶାଳ ସିଂ ଙ୍କୁ ପ୍ରଦାନ କରିଛନ୍ତି।ଏହି ଦାବିପତ୍ର ପ୍ରଦାନ ସମୟରେ କେନ୍ଦୁଝର ଜିଲା ସମିତି ସଭ୍ୟ/ ସଭ୍ୟା ସଂଘ ର ସଭାପତିଙ୍କ ସହ ସମ୍ପାଦକ ବିରଞ୍ଚି ନାରାୟଣ ବେହେରା, ପଦ୍ମିନି ରାୟ, କବିତା ନାଏକ, ମାନସରଞ୍ଜନ ନାଏକ, ମମତା ବାଳା ତ୍ରିପାଠୀ, ଶୁଭ୍ରଜ୍ୟୋତି ଅମାନ୍ତ ଆଦି ଉପସ୍ଥିତ ଥିଲେ।ଜିଲାପାଳ ଦାବିଗୁଡିକ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀ ଙ୍କୁ ଅବଗତ କରାଇବା ସହ ଏହାର ସମାଧାନ କରାଇବାର ପ୍ରତିଶ୍ରୁତି ଦେଇଥିବା ନେଇ ସଂଘର ସଭାପତି ବସନ୍ତ କୁମାର ସାହୁ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

## ୫ ବର୍ଷ ହେଲା ଲାଗି ରହିଛି ଜାଗା ବିବାଦ, ଜାଗା ପଟ୍ଟା ଧାରୀ ନ୍ୟାୟ ପାଇଁ ହନ୍ତସନ୍ତ

କୁନ୍ଦୁରା(ମହାଭାରତ): ବିଗତ ୫ ବର୍ଷ ହେବ ଲାଗି ରହିଛି ଘରଡ଼ିହ ଜାଗା ବିବାଦ । କୁନ୍ଦୁରା ତହସିଲ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି କୋରାପୁଟ ଜିଲ୍ଲାପାଳ ଓ ଏସ୍ ପି ଙ୍କ ନିକଟକୁ ବାରମ୍ବାର ନ୍ୟାୟ ପାଇବା ପାଇଁ ଦୌଡୁଛି ଜାଗା ପଟ୍ଟା ଧାରୀ ସୁରେନ୍ଦ୍ର ବେହେରା । ଏହି ଭଳି ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ପକନାଗୁଡ଼ା ଗ୍ରାମ ପଞ୍ଚାୟତ ଟଭାପଦର ଗ୍ରାମରେ । ଆଜି ଅର୍ଥାତ ୧୪/୧୦/୨୦୨୫ ମଙ୍ଗଳବାର ଦିନ ୧୧.୩୦ ସମୟରେ କୁନ୍ଦୁରା ଥାନା ଏଏସ୍ଆଇ - ପ୍ରତାପ ରଥ ଙ୍କ ଦ୍ୱାରା ପକନାଗୁଡା ଗ୍ରାମର କିଛି ବରିଷ୍ଠ ଭଦ୍ରବ୍ୟକ୍ତି ଙ୍କ ଉପସ୍ଥିତିରେ ଟଭାପଦାର ଗ୍ରାମରେ ସେହି ଜାଗା ବିବାଦ ର ନିଷ୍ପତି ହେବାର ଥିଲା । ଯେହେତୁ ଏହି ଜାଗା ବିବାଦ ଦୀର୍ଘ ୫-୬ ବର୍ଷ ହେବ ଲାଗିରହିଛି ତେଣୁ ସୁରେନ୍ଦ୍ର ବେହେରା ଙ୍କ ଅପର ପକ୍ଷ ତରଫରୁ ପୁଣି ପ୍ରତିରୋଧ କରାଯିବା ଯୋଗୁଁ ନିଷ୍ପତି ହୋଇପାରିଲା ନାହିଁ । ଉପସ୍ଥିତ ଗ୍ରାମବାସୀ ଙ୍କ କହିବା ଅନୁସାରେ , ସୁରେନ୍ଦ୍ର ବେହେରା ଙ୍କ ନିକଟରେ ରହିଥିବା ଜାଗା ପଟ୍ଟା ଅନୁସାରେ ଏବଂ ତହସିଲ ବିଭାଗୀୟ ଅମିନ ଙ୍କ ଦ୍ୱାରା ମପା ଯାଇଥିବା ଅନୁସାରେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ସୁରେନ୍ଦ୍ର ବେହେରା ଙ୍କ ଜାଗା ଚିହ୍ନଟ କରାଯାଉଥିବା ବେଳେ ଅପର ପକ୍ଷ ଙ୍କ ବିରୋଧ ଯୋଗୁଁ ଚିହ୍ନଟ କାର୍ଯ୍ୟ ସ୍ଥଗିତ ରହିଗଲା। ଏହି ସମୟରେ ଅପର ପକ୍ଷ ମୋତି ହରିଜନ ଙ୍କ ଓକିଲ ଫୋନ ମାଧ୍ୟମରେ ଚିହ୍ନଟ କାର୍ଯ୍ୟ ବନ୍ଦ କରିବା ପାଇଁ କହିହିଲେ। ବିବାଦ ଚାଲିଥିବା ଘର ଦିହ ଜାଗା ବିବାଦ ର ମାନ୍ୟବର କୋର୍ଟ ରାୟ ଦେଇଛନ୍ତି ଯାହା ଓକିଲ ଙ୍କ ନିକଟରେ ରହିଛି । ସେହି କୋର୍ଟ ନିଷ୍ପତି କାଗଜ ୧୫ ତାରିଖ ବୁଧବାର ଦିନ କୁନ୍ଦୁରା ଥାନା ଅଧିକାରୀଙ୍କ ନିକଟରେ ମୋତି ହରିଜନ ଙ୍କ ଓକିଲ ପହଁଞ୍ଚାଇବେ । ମାନ୍ୟବର କୋର୍ଟ ଯାହା ନିଷ୍ପତି ଦେଇଥିବେ ତାକୁ ଆଧାର କରି କୁନ୍ଦୁରା ପୋଲିସ ଉକ୍ତ ବିବାଦୀୟ ଜାଗା କୁ ପ୍ରକୃତ ଜାଗା ମଳିକ କୁ ହସ୍ତାନ୍ତର କରାଜୀବ ବୋଲି ପୋଲିସ ଅଧିକାରୀ ଶ୍ରୀଯୁକ୍ତ ରଥ କହିଥିଲେ । ଏହି ସବୁ ଜାଣିବା ପରେ ଜାଗା ର ପଟ୍ଟା ଧାରୀ ସୁରେନ୍ଦ୍ର ବେହେରା ମର୍ମାହତ ହେବା ସହ ମୋ ନିଜ ଘର ଦିହ ପଟ୍ଟା ମୋ ନିକଟରେ ଥିବା ସତ୍ୱେ ମୁଁ ମୋ ଜାଗା ପାଇଁ ନାହିଁ ନଥିବା ହୀନସ୍ଥା ହେବାକୁ ପଡୁଛି । ନ୍ୟାୟ ବ୍ୟବସ୍ଥା ପ୍ରକୃତରେ ଅନ୍ଧ ହୋଇଯାଇଛି କ୍ଷ ଗରିବ ଲୋକଙ୍କ ପାଇଁ କୌଣସି ନ୍ୟାୟ ନାହିଁ ସେଥିପାଇଁ ମୋ ପଟ୍ଟା ଥିବା ଜାଗା ପାଇଁ ମୁଁ ବାର ଦ୍ୱାର ନ୍ୟାୟ ପାଇଁ ବୁଲୁଛି କିନ୍ତୁ ନ୍ୟାୟ ମିଳୁନାହିଁ ବୋଲି କହିଥିଲେ । ୧୫ ତାରିଖ ଦିନ କୋଣ ନ୍ୟାୟ ମିଳୁଛି ଦେଖିବି ନଚେତ ଆଗାମୀ ଦିନରେ ମୁଁ ଉଚ୍ଚ ନ୍ୟାୟାଳୟ ର ଆଶ୍ରୟ ନେବି ବୋଲି ସୁରେନ୍ଦ୍ର ବେହେରା କହିଥିଲେ ।

## ମୂଷାଖୋରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମୁଷାଖୋରୀ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ସରକାରୀ ପ୍ରାଥମିକ ବିଦ୍ୟାଳୟ ମୂଷାଖୋରୀ ରେ ସାଧନ କେନ୍ଦ୍ର ସଂଯୋଜକ କୁନାଲ୍ କୁମାର ପଣ୍ଡାଙ୍କ ତ□ାବଧାନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ରେ ମୋଟ ୧୭ଟି ବିଦ୍ୟାଳୟ ର ୧୬୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇ ତର୍କ,ବକ୍ତୃତା,ଚିତ୍ରାଙ୍କନ,ହସ୍ତାକ୍ଷର ଲିଖନ,ସୃଜନଶୀଳ ଲିଖନ ,ପ୍ରବନ୍ଧ ଲିଖନ,ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଛନ୍ତ।ପାଟଣା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବି.ଅର୍.ସି.ସି ସଚ୍ଚିଦାନନ୍ଦ ସେଠୀ କାର୍ଯ୍ୟକ୍ରମ ରେ ଯୋଗଦାନ କରି ଜଗନ୍ନାଥଙ୍କ ଫୋଟ ଚିତ୍ର ଉପରେ ପୁଷ୍ପ ଦୀପ ପ୍ରଜ୍ଜ୍ୱଳନ କରି ଉଦ୍ଘାଟନ କରି ଛନ୍ତି । କନିଷ୍ଠ ଓ ବରିଷ୍ଠ କ ଓ ଖ ର ସମସ୍ତ ପ୍ରତିଯୋଗିତା ଶେଷ ହେବା ପରେ ଛାତ୍ରଛାତ୍ର ମାନଙ୍କୁ ମୂଷାଖୋରୀ ପଞ୍ଚାୟତ ସରପ□ ଶ୍ରୀମତୀ ଭାମାମଣୀ ଦାସ ପୁରସ୍କାର ପ୍ରଦାନ କରିବା ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ କୁ ଶିକ୍ଷକ ଗୌତମ ମହାନ୍ତ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ତଥା ପୂର୍ବତନ ସି.ଆର.ସି.ସି ସନ୍ତୋଷ ନାଏକ,ଶିକ୍ଷକ ପ୍ରମୋଦ ମହାନ୍ତ ରାଧା ଗୋବିନ୍ଦ ଜେନା,ବିନୋଦ ବେଜ,ଧିରେନ୍ ମହାନ୍ତ,ଚିରଞ୍ଜିବି ନାଏକ,କନକଲତା ମହାନ୍ତ,ପ୍ରେମାନନ୍ଦ ସେଠୀ ପ୍ରମୁଖ ସହଯୋଗ କରିଛନ୍ତି।



## ତାମିଲନାଡୁ ମଦ ଦୁର୍ନୀତି ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ 'ସଂଘୀୟ ବ୍ୟବସ୍ଥାର କ'ଣ ହେବ'




ନୂଆଦିଲ୍ଲୀ: ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେସନ୍ ଲିମିଟେଡ୍ (ଟାସ୍‌ମାକ୍) ସହ ଜଡିତ ମଦ ଦୁର୍ନୀତିର ତଦନ୍ତର ଅଧିକାର ନେଇ ମଙ୍ଗଳବାର ସୁପ୍ରିମ୍‌କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ପ୍ରଶ୍ନ ପଚାରିଛନ୍ତି। ଛଅ ମାସ ମଧ୍ୟରେ ଦ୍ୱିତୀୟ ଥର ପାଇଁ ମାର୍ଚ୍ଚରେ କରାଯାଇଥିବା ଦୁଇଟି ଚଢ଼ାଉ ଉପରେ କୋର୍ଟ ତଦନ୍ତକାରୀ ସଂସ୍ଥାକୁ ସ୍ପଷ୍ଟୀକରଣ ଦେବାକୁ କହିଥିଲେ।

ପ୍ରଧାନ ବିଚାରପତି ବିଆର୍ ଗଓ୍ୱାଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ କେନ୍ଦ୍ରୀୟ ଏଜେନ୍ସିକୁ ପ୍ରଶ୍ନ କରିଛନ୍ତି, ସଂଘୀୟ ବ୍ୟବସ୍ଥାର କ'ଣ ହେବ? ଆପଣ ରାଜ୍ୟ ସରକାରଙ୍କ ତଦନ୍ତ ଅଧିକାର ଛଡ଼ାଇ ନେଉ ନାହାନ୍ତି କି? ଯେତେବେଳେ ଆପଣଙ୍କର ସନ୍ଦେହ ହୁଏ... 'ରାଜ୍ୟ ସରକାର ଏହି ଅପରାଧର ତଦନ୍ତ କରୁନାହାନ୍ତି' ସେତେବେଳେ ଆପଣ ଯାଇ ନିଜେ ଏହା କରିପାରିବେ କି? ତେବେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଅଧିକ ମନ୍ତବ୍ୟ ଦେବାକୁ ମନା କରି ଉଲ୍ଲେଖ କରିଛନ୍ତି, ଗତ ଛଅ ବର୍ଷ ମଧ୍ୟରେ ମୁଁ ଇଡି ଦ୍ୱାରା ଅନୁସନ୍ଧାନ କରାଯାଇଥିବା ଅନେକ ମାମଲା ଦେଖିଛି... କିନ୍ତୁ ବର୍ତ୍ତମାନ ମୁଁ କିଛି କହିବାକୁ ଚାହେଁ ନାହିଁ, ନଚେତ୍ ଏହା ପୁନର୍ବାର (ଗଣମାଧ୍ୟମରେ) ରିପୋର୍ଟ ହେବ।

ଆଜିର ଶୁଣାଣିରେ ବରିଷ୍ଠ ଓକିଲ କପିଲ ସିବଲ ଓ ମୁକୁଲ ରୋହତଗୀ ତାମିଲନାଡୁ ସରକାରଙ୍କ ପକ୍ଷରୁ ଯୁକ୍ତି ବାଢ଼ିଥିଲେ ଏବଂ ପଚାରିଥିଲେ ଯେ ଏହି ଅପରାଧର ତଦନ୍ତ ପାଇଁ ପୁଲିସ ମାମଲା ରୁଜୁ କରିବା ସତ୍ତ୍ୱେ ରାଷ୍ଟ୍ରାୟତ୍ତ କମ୍ପାନି ଉପରେ କିପରି ଚଢ଼ାଉ କରାଯାଇପାରିବ ଏବଂ କମ୍ପ୍ୟୁଟର ପରି ଇଲେକ୍ଟ୍ରୋନିକ୍ ଉପକରଣ କିପରି ଜବତ କରାଯାଇପାରିବ। ଯେତେବେଳେ ଆମେ ତଦନ୍ତ କରୁଛୁ ସେତେବେଳେ ସେମାନେ (ଇଡି) କାହିଁକି ଏହା ମଧ୍ୟକୁ ଆସୁଛନ୍ତି ବୋଲି ସିବଲ ଯୁକ୍ତି ବାଢ଼ିଥିବା ବେଳେ ରୋହତଗୀ ପଚାରିଥିଲେ, ଟାସମାକ୍ କର୍ମଚାରୀଙ୍କ ଗୋପନୀୟତା ଅଧିକାରର କ'ଣ ହେବ? ସେମାନେ କିପରି କର୍ମଚାରୀଙ୍କ ମୋବାଇଲ୍ ଜବତ କରିପାରିବେ? ମହିଳା କର୍ମଚାରୀଙ୍କୁ ବି ଅଟକ ରଖାଯାଇଛି। ଏହାର ଜବାବରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ହାଜର ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍ ?ଭି ରାଜୁ କହିଛନ୍ତି ଯେ, ଯଦି ରାଜ୍ୟ ୪୭ଟି ପୁଲିସ ମାମଲା ରୁଜୁ କରିସାରିଛି ଏବଂ ତା' ସତ୍ତ୍ୱେ ବ୍ୟାପକ ଦୁର୍ନୀତି ଜାରି ରହିଛି, ତେବେ ଇଡି ଏହାର ତଦନ୍ତ କରିପାରିବ। ଇଡି କେବଳ ମନିଲଣ୍ଡରିଂ ଦିଗର ଅନୁସନ୍ଧାନ କରୁଛି ବୋଲି ସେ କହିଥିଲେ। ମନିଲଣ୍ଡରିଂ ନିବାରଣ ଆଇନର ଧାରା ୬୬(୨) ଆଡକୁ ଇଙ୍ଗିତ କରି ସିବଲ ଏହାର ପ୍ରତିବାଦ କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ଯଦି ଏଜେନ୍ସି ଅନୁସନ୍ଧାନ ସମୟରେ ଅନ୍ୟ ଏକ ଆଇନ ଉଲ୍ଲଂଘନ ହେବା ଦେଖେ, ତେବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ସେହି ସୂଚନା ବାଣ୍ଟିବାକୁ ବାଧ୍ୟ। ଏହି ସମୟରେ ପ୍ରଧାନ ବିଚାରପତି ମଧ୍ୟ ରାଜୁଙ୍କୁ ପଚାରିଥିଲେ, ସଂଘୀୟ ଢା*ାର କ'ଣ ହେବ? ୬୬ (୨)ର କ'ଣ ହେବ? ଉତ୍ତରରେ ଅତିରିକ୍ତ ସଲିସିଟର ଜେନେରାଲ୍ କହିଛନ୍ତି, ଆମେ ଆପରାଧିକ ପ୍ରମାଣ ପାଇଛୁ... ଏଫ୍ ?ଆଇଆ ?ର ପ୍ରକୃତି ଦେଖନ୍ତୁ, ଦେଖନ୍ତୁ କେତେ ବ୍ୟାପକ ଦୁର୍ନୀତି ହେଉଛି।

ହୋଲସେଲ ଓ ଖୁଚୁରା ମଦ ବ୍ୟବସାୟ ଉପରେ ଏକଚାଟିଆ ଅଧିକାର ଥିବା ରାଜ୍ୟ ପରିଚାଳିତ ମାର୍କେଟିଂ କର୍ପୋରେସନ୍ ସୁପ୍ରିମ୍ ?କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ମାଡ୍ରାସ ହାଇକୋର୍ଟଙ୍କ ଏପ୍ରିଲ ୨୩ରେ ଦିଆଯାଇଥିବା ଆଦେଶକୁ ସେମାନେ ଚ୍ୟାଲେଞ୍ଜ କରିଥିଲେ। ମାର୍ଚ୍ଚରେ ଏଜେନ୍ସି ଦାବି କରିଥିଲା ଯେ ଏହା ଟାସମାକ୍ ଅପରେସନରେ ଏକାଧିକ ଅନିୟମିତତା ପାଇଛି। ଇଡି ଏହା ମଧ୍ୟ କହିଛି ଯେ ୧,୦୦୦ କୋଟି ଟଙ୍କାର ହିସାବ ବିହୀନ ନଗଦ ଟଙ୍କା ମିଳିଛି। ମନିଲଣ୍ଡରିଂ ନିବାରଣ ଅଧିନିୟମ ବା ପିଏମ୍ଏଲ୍ଏ ଅନୁଯାୟୀ ଦଶଟି ସ୍ଥାନରେ ଚଢ଼ାଉ କରାଯାଇଥିଲା ଏବଂ ଟେଣ୍ଡର ପ୍ରଦାନ ସମୟର 'ହେରଫେର ତଥ୍ୟ' ମିଳିଥିବା ଇଡି ଦାବି କରିଛି। ଶାସକ ଡିଏମ୍ ?କେ ଓ ମୁଖ୍ୟ ବିରୋଧୀ ଦଳ ଏଆଇଏଡିଏମ୍ ?କେ (ଏବଂ ଏହାର ସହଯୋଗୀ ବିଜେପି) ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଉକ୍ତ ଟାସମାକ୍ ମଦ ଦୁର୍ନୀତି ପଦାକୁ ଆସିଛି।

## ଜୈସଲମୈରରେ ଯାତ୍ରୀବାହୀ ବସରେ ଲାଗିଲା ନିଆଁ, ୧୦ରୁ ଅଧିକ ଯାତ୍ରୀ ମୃତ




ରାଜସ୍ଥାନ : ରାଜସ୍ଥାନ ଜୈସଲମୈରରେ ବଡ଼ ଦୁର୍ଘଟଣା । ଏକ ଯାତ୍ରୀବାହୀ ବସରେ ଲାଗିଲା ନିଆଁ । ବସରେ ୫୭ ଜଣ ଯାତ୍ରୀ ରହିଥିଲେ । ଏମାନଙ୍କ ମଧ୍ୟରୁ ୧୦-୧୫ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ୪୦ ଯାତ୍ରୀ ଆହତ ହୋଇଛନ୍ତି । ଖବର ମୁତାବକ, ବସଟି ଜୈସଲମୈରରୁ ଯୋଧପୁର ଯାଉଥିଲା । ହଠାତ୍ ବସରେ ନିଆଁ ଲାଗିବା ଯୋଗୁଁ ବସଟି ରାସ୍ତା ମଝିରେ ଜଳି ଉଠିଥିଲା । ଦୁର୍ଘଟଣା ଥଇୟାତ ଗାଁ ଘଟିଛି । ବସରେ ୫୭ ଜଣ ଯାତ୍ରୀ ରହିଥିଲେ । ବସରେ ନିଆଁ ଲାଗିବା ଯୋଗୁଁ ୧୦ ରୁ ୧୫ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଆହତ ହୋଇଛନ୍ତି । ଘଟଣା ପରେ ସ୍ଥାନୀୟ ଲୋକ ଉଦ୍ଧାର କାମରେ ଲାଗିପଡିଥିଲେ । ଆହତଙ୍କୁ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରାଯାଇଛି । ଆଗକୁ ଆଉ ମୃତକଙ୍କ ସଂଖ୍ୟା ବଢିବାରେ ବୋଲି ଅନୁମାନ କରାଯାଉଛି । ତେବେ ବସରେ ନିଆଁ କିଭଳି ଲାଗିଲା, ତାହା ଜଣାପଡିନାହିଁ । ଅଗ୍ନିଶମ ଟିମ୍ ଏବଂ ପୋଲିସ ଘଟଣା ସ୍ଥଳରେ ପହ*ଛି ।

## ଶେଷରେ ଶାନ୍ତ ପଡ଼ିଲା ଗାଜା, ଶାନ୍ତି ସମ୍ମିଳନୀକୁ ଡୋନାଲ୍ଡ ଟ୍ରମ୍ପଙ୍କ ସମ୍ବୋଧନ

ନୂଆଦିଲ୍ଲୀ: ଶେଷରେ ଶାନ୍ତ ପଡ଼ିଲା ଗାଜା । ଆମେରିକାର ହସ୍ତକ୍ଷେପ ପରେ ଶାନ୍ତି ପ୍ରତିଷ୍ଠାର ବାଟ ଫିଟିଛି । ଏ ଅବସରରେ ଗାଜା ଶାନ୍ତି ସମ୍ମିଳନୀକୁ ସମ୍ବୋଧିତ କରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, "ଏହା ମଧ୍ୟ-ପ୍ରାଚ୍ୟ ବାହାରେ ବିଶ୍ୱ ଇତିହାସରେ ଏକ ସ୍ମରଣୀୟ ମୁହୂର୍ତ୍ତ । ଶାନ୍ତି ପ୍ରତିଷ୍ଠାକୁ ଗାଜାବାସୀଙ୍କୁ ସମର୍ଥନ କରିବା ନିହାତି ଆବଶ୍ୟକ । ଅତୀତରେ ହୋଇଥିବା ରକ୍ତପାତ, ଘୃଣା କିମ୍ବା ଆତଙ୍କବାଦ ସହିତ ଜଡିତ ସମସ୍ତ ଜିନିଷକୁ ଭୁଲି ସମସ୍ତେ ଆଗକୁ ବଢିବା ଦରକାର । ଗାଜାର ପୁନର୍ଗଠନ ପାଇଁ ଏହାକୁ ସୈନ୍ୟମୁକ୍ତ କରିବା ଆବଶ୍ୟକ । ଗାଜାବାସୀଙ୍କ ପାଇଁ ଏକ ସୁରକ୍ଷିତ ପରିସ୍ଥିତି ସୃଷ୍ଟି କରିବା ପାଇଁ ପୋଲିସ୍ ବାହିନୀକୁ ଅନୁମତି ଦିଆଯିବା ଆବଶ୍ୟକ । ଗାଜାର ଏକ ଉନ୍ନତ ଭବିଷ୍ୟତ ସୁରକ୍ଷିତ କରିବା ଜଣେ ଅଂଶୀଦାର ହେବାକୁ ଇଚ୍ଛା କରୁଛି ବୋଲି ଟ୍ରମ୍ପ କହିଛନ୍ତି । ଆମେ ତୃତୀୟ ବିଶ୍ୱଯୁଦ୍ଧ ହେବାକୁ ଦେବା ନାହିଁ କିମ୍ବା ଏହା ମଧ୍ୟ-ପ୍ରାଚ୍ୟରୁ ଆରମ୍ଭ ହେବ ନାହିଁ ବୋଲି ଏ ଅବସରରେ କହିଛନ୍ତି ଟ୍ରମ୍ପ ।

## ଦିଲ୍ଲୀ-ଏନ୍‌ସିଆର୍‌ରେ ଗ୍ରାପ୍-୧ କଟକଣା

ନୂଆଦିଲ୍ଲୀ : ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅ*ଳ (ଏନ୍‌ସିଆର୍)ରେ ବାୟୁ ଗୁଣବତ୍ତା ଅଚାନକ ହ୍ରାସ ପାଇଛି। ଆଜି ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୨୧୧ରେ ପହ*ିବା ପରେ ଏହା 'ଖରାପ' ଶ୍ରେଣୀଭୁକ୍ତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ଓ ଇଣ୍ଡିଆନ୍ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟେରୋଲୋଜି (ଆଇଆଇଟିଏମ୍)ର ପୂର୍ବାନୁମାନ ଅନୁଯାୟୀ, ଆଗାମୀ କିଛି ଦିନ ପ୍ରଦୂଷଣ ସ୍ତର ଏହି ଶ୍ରେଣୀରେ ରହିବ ବା ଆହୁରି ଖରାପ ହୋଇପାରେ। ଏହାର ମୁଖ୍ୟ କାରଣ ମଧ୍ୟରେ ରହିଛି ଗାଡ଼ିର ଧୂଆଁ, ଶିଳ୍ପ କାର୍ଯ୍ୟକଳାପ, ପଡ଼ୋଶୀ ରାଜ୍ୟ ପଞ୍ଜାବ ଓ ହରିୟାଣାରେ ନଡ଼ାପାଳ ଜାଳିବା ଏବଂ ପ୍ରତିକୂଳ ପାଗ ଯୋଗୁଁ ବାୟୁ ଚଳାଚଳରେ ବାଧା। ଏହି ସଙ୍କଟକୁ ଦୃଷ୍ଟିରେ ରଖି ବାୟୁ ମାନ ପରିଚାଳନା କମିସନ (ସିଏକ୍ୟୁଏମ୍)ର ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍ (ଗ୍ରାପ୍) ସବ୍-କମିଟି ଗ୍ରାପ୍-୧ ଅଧୀନରେ ପ୍ରଦୂଷଣ ନିୟନ୍ତ୍ରଣ ମାର୍ଗଦର୍ଶିକାକୁ ତୁରନ୍ତ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଛି। ଦିଲ୍ଲୀ, ଉତ୍ତର ପ୍ରଦେଶ, ହରିୟାଣା ଓ ରାଜସ୍ଥାନର ସମସ୍ତ ସଂସ୍ଥା ଓ ସରକାରୀ ଏଜେନ୍ସି ଏହାର କାର୍ଯ୍ୟକାରୀ କରିବା ଦିଗରେ ଯଥୋଚିତ ପଦକ୍ଷେପ ନେବାକୁ କୁହାଯାଇଛି। ସିଏକ୍ୟୁଏମ୍ ନିୟମିତ ବାୟୁ ମାନ ସୂଚକାଙ୍କର ଧାରା ଓ ପୂର୍ବାନୁମାନ ନିରୀକ୍ଷଣ କରି ଆବଶ୍ୟକ ହେଲେ ଗ୍ରାପ୍ ?-୨ କିମ୍ବା ଅଧିକ କଡ଼ା ନିୟମ ଲାଗୁ କରିବେ। ଗ୍ରାପ୍-୧ ଅଧୀନରେ ଶିଳ୍ପ ଧୂଆଁ ନିୟନ୍ତ୍ରଣ ପାଇଁ କଡ଼ା ପଦକ୍ଷେପ ନିଆଯିବ। ନିର୍ମାଣ ସ୍ଥାନରେ ଧୂଳି ନିୟନ୍ତ୍ରଣ ପାଇଁ ଜଳ ସି*ନ ଓ ଅନ୍ୟ ସୁରକ୍ଷା ପଦକ୍ଷେପ ଗ୍ରହଣ କରାଯିବ। ଏହା ସହିତ ନଡ଼ାପାଳ ଜାଳିବା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ପୁରୁଣା ଓ ଅଧିକ ପ୍ରଦୂଷଣକାରୀ ଗାଡ଼ିର ଚଳାଚଳ ସୀମିତ କରାଯିବ। ଟ୍ରାଫିକ୍ ଜାମ୍ ହ୍ରାସ ପାଇଁ ମଧ୍ୟ ବିକଳ୍ପ ବ୍ୟବସ୍ଥା ହେବ। ଗ୍ରାପ୍ ୧ ନିର୍ଦ୍ଦେଶାବଳୀରେ ଶିଶୁ, ବୃଦ୍ଧ ଓ ଶ୍ୱାସ ରୋଗୀଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି ଏବଂ ନାଗରିକଙ୍କୁ କମ୍ ପ୍ରଦୂଷଣ ପାଇଁ ସରକାରୀ ପରିବହନ ବ୍ୟବସ୍ଥା ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ପରିବେଶ ବିଶେଷଜ୍ଞମାନେ କହିଛନ୍ତି, ଯାନବାହନ ଯୋଗୁଁ ୩୦% ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ଯୋଗୁ ଆଉ ୨୫% ପ୍ରଦୂଷଣ ହେଉଛି। ଏହା ସହିତ ନଡ଼ାପାଳ ପୋଡ଼ି ପାଇଁ ୨୦% ଏବଂ ଅନ୍ୟାନ୍ୟ ଧୂଳି ପ୍ରଦୂଷଣର ୧୫% ଅବଦାନ ରହିଛି। ପାଗର ଶୁଷ୍କ ଓ ସ୍ଥିର ଅବସ୍ଥା ପ୍ରଦୂଷଣକୁ ଆହୁରି ବଢ଼ାଇଛି। ପଞ୍ଜାବ ଓ ହରିୟାଣାରେ ନଡ଼ାପାଳ ପୋଡ଼ିବା ଘଟଣା ଅକ୍ଟୋବର ପ୍ରଥମ ସପ୍ତାହରେ ୩୦% ବୃଦ୍ଧି ପାଇଛି, ଯାହା ଦିଲ୍ଲୀର ବାୟୁକୁ ପ୍ରଭାବିତ କରୁଛି।

## କତାର ଏୟାରୱେଜ ବିମାନର ଜରୁରୀ ଅବତରଣ, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅହମଦାବାଦରେ କଲା ଲ୍ୟାଣ୍ଡ




ଅହମଦାବାଦ : କତାର ଏୟାରୱେଜର ବିମାନ ଅହମଦାବାଦରେ ଜରୁରୀ ଅବତରଣ । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନଟି ଅହମଦାବାଦ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଅବତରଣ କରାଯାଇଛି । ଖବର ମୁତାବକ, କତାର ଏୟାରୱେଜର ବିମାନ ଛଜ୮୧୬ ଦୋହାରୁ ହଂକଂ ଯାଉଥିବା ବିମାନ ଅହମଦାବାଦରେ ଜରୁରୀ ଅବତରଣ କରିଛି । ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନକୁ ଅହମଦାବାଦକୁ ଡାଇଭର୍ଟ କରାଯାଇଥିଲା । ଅପରାହ୍ନ ୨.୩୦ରେ ବିମାନଟି ଜରୁରୀ ଅବତରଣ କରିଥିଲା । ବିମାନଟି ଅବତରଣ କରିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା । ଏହାପରେ ବିମାନକୁ ଯା* କରାଯାଇ ଯାତ୍ରୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଦେଇଥିବା କତାର ଏୟାରୱେଜ ପକ୍ଷରୁ କୁହାଯାଉଛି ।

## ବିହାର ପାଇଁ ବିଜେପିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି

ବିହାର : ବିଜେପି କଲା ପ୍ରାର୍ଥୀ ଘୋଷଣା । ବିହାର ବିଧାନସଭା ନିର୍ବାଚନ ପାଇଁ ମଙ୍ଗଳବାର ବିଜେପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏହି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣାରେ ୭୧ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ବିଜେପି । ତାଲିକା ଅନୁସାରେ ୭ ଥର ବିଧାୟକ ହୋଇଥିବା ନନ୍ଦ କିଶୋର ଯାଦବଙ୍କ ଟିକେଟ କାଟିଛି ବିଜେପି । ପାଟନା ସାହିବରୁ ରନଜିଶ କୁଶୱାହାଙ୍କୁ ସୁଯୋଗ ମିଳିଛି । ନନ୍ଦ କିଶୋର ଯାଦବ ବ୍ୟତୀତ ମନ୍ତ୍ରୀ ମୋତିଲାଲ ପ୍ରସାଦଙ୍କ ଟିକେଟ ମଧ୍ୟ କଟିଛି । ଟିକେଟ କଟିବା ପରେ ନନ୍ଦ କିଶୋର ଯାଦବ ପ୍ରତିକ୍ରିୟା ଦେଇ କହିଛନ୍ତି, ମୁଁ ଭାରତୀୟ ଜନତା ପାର୍ଟିର ନିଷ୍ଠା ସହିତ ରହିଛି । ବିଜେପି ମୋତେ ବହୁତ କିଛି ଦେଇଛି । ମୋର କୌଣସି ଅଭିଯୋଗ ନାହିଁ । ନୂଆ ପିଢ଼ିକୁ ସ୍ୱାଗତ ଏବଂ ଅଭିନନ୍ଦନ । ପାଟନା ସାହିବ ବିଧାନସଭା ଲୋକ ମୋତେ ଲଗାତାର ୭ ଥର ବିଜୟୀ କରାଇଛି । ସମସ୍ତେ ମୋତେ ଯେଉଁ ଭଲପାଇବା ଓ ସ୍ନେହ ଦେଇଛନ୍ତି, ତାହାକୁ ମୁଁ କେବେ ଭୁଲି ପାରିବି ନାହିଁ । ସମସ୍ତଙ୍କୁ ଧନ୍ୟବାଦ । ତେବେ ବରିଷ୍ଠ ବିଜେପି ନେତା ତଥା ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ତାରାପୁର ସିଟରୁ ଟିକେଟ୍ ଦେଇଛି ବିଜେପି । ସେହିପରି ରାମ କୃପାଳ ଯାଦବଙ୍କୁ ଦଳ ଦାନାପୁର ଆସନରୁ ପ୍ରାର୍ଥୀ କରିଛି । ଏଥର ବିଜେପି ଏବଂ ଜେଡିୟୁ ୧୦୧ ଟି ଲେଖାଏଁ ସିଟରେ ନିର୍ବାଚନ ଲଢିବେ ବୋଲି ଧାର୍ଯ୍ୟ ହୋଇଥିଲା । ଏହାସହ ଏଲଜେପି (ଆ) ୨୯ଟି ଆସନରେ ନିର୍ବାଚନ ଲଢ଼ିବ । ସେହିପରି ହାମ୍ ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୬ଟି ଲେଖାଏଁ ସିଟରେ ନିର୍ବାଚନ ଲଢିବେ ।

## ଚୀନରେ ଭୂକମ୍ପ ଝଟକା, ତୀବ୍ରତା ୪.୨


ଚୀନ୍ : ଭାରତର ପଡ଼ୋଶୀ ଦେଶ ଚୀନରେ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ମଙ୍ଗଳବାର ସକାଳ ପ୍ରାୟ ୮.୪୫ମିନିଟ ରେ ଚୀନର ଜିନଜିଆଙ୍ଗ ପ୍ରଦେଶରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଜିନଜିଆଙ୍ଗରେ ୪.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି । ଯାହାର କେନ୍ଦ୍ରସ୍ଥଳ ୪୧.୬୫ ଉତ୍ତର ଅକ୍ଷାଂଶ, ୮୧.୧୪ ପୂର୍ବ ଦ୍ରାଘିମା ରହିଛି । ଏହି ଭୂକମ୍ପର ଗଭୀରତା କେନ୍ଦ୍ରସ୍ଥଳଠାରୁ ମାତ୍ର ୧୦ କିଲୋମିଟର ତଳେ ରହିଥିଲା । ନିକଟରେ ୭.୧ ତୀବ୍ରତାର ଭୂକମ୍ପ ଦକ୍ଷିଣ ଆମେରିକାରେ ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ୧୦ ମିଲୋମିଟରର ଗଭୀରତାରେ ରହିଥିଲା । ପରବର୍ତ୍ତୀ ସମୟରେ ସୁନାମି ସତର୍କତା ଚେତାବନୀ ଜାରି କରିଛି ।

## ଇସ୍ରାଏଲ-ହମାସ ଯୁଦ୍ଧବିରତିକୁ ଝଟ୍‌କା



ଗାଜା: ଇସ୍ରାଏଲ ଓ ହମାସ ମଧ୍ୟରେ ଆମେରିକା ମଧ୍ୟସ୍ଥତାରେ ଯୁଦ୍ଧବିରତି ଆରମ୍ଭ ହେବାର ମାତ୍ର ଦିନକ ପରେ ଗାଜାରେ ନୂଆ ହିଂସା ଦେଖାଦେଇଛି । ଏହି ଯୁଦ୍ଧବିରତି ଦୀର୍ଘ ଦୁଇ ବର୍ଷର ସଂଘର୍ଷକୁ ଶେଷ କରିବା ଲାଗି ଉଦ୍ଦିଷ୍ଟ ଥିବା ବେଳେ ପୁଣି ସାନି ହିଂସା ଚିନ୍ତା ବଢ଼ାଇଛି । ଆଜି କିଛି ବ୍ୟକ୍ତି ଇସ୍ରାଏଲ ସେନା ଉପରେ ଯୋଜନାବଦ୍ଧ ଆକ୍ରମଣ ଉଦ୍ୟମ କରିଥିଲେ ଏବଂ ଏହା ପରେ ସେନା ୨ଟି ସ୍ଥାନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ୬ ଜଣ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି । ଇସ୍ରାଏଲ ସେନା କହିଛି ଯେ ଉତ୍ତର ଗାଜାରେ କିଛି ସନ୍ଦିଗ୍ଧ ବ୍ୟକ୍ତି ହଠାତ ଗୁଳିମାଡ଼ ଆରମ୍ଭ କରିଥିଲେ ଏବଂ ଏହା ସେନା ପାଇଁ ବିପଦ ସୃଷ୍ଟି କରିବାରୁ ତୁରନ୍ତ ଜବାବ ଦିଆଯାଇଥିଲା। ଅନ୍ୟପକ୍ଷରେ, ଗାଜାର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ କହିଛନ୍ତି ଯେ ଇସ୍ରାଏଲୀ ସେନା ଦୁଇଟି ପୃଥକ ଘଟଣାରେ ଗାଜାରେ ଅତି କମରେ ୬ ଜଣ ନାଗରିକଙ୍କୁ ବିନା ଉତ୍ତେଜନାରେ ହତ୍ୟା କରିଛି । ଏହି ଘଟଣା ସମ୍ପର୍କରେ ଅଧିକ ତଥ୍ୟ କିମ୍ବା ମୃତକମାନଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧବିରତିକୁ ଏକ ଐତିହାସିକ ସଫଳତା ଭାବେ ଘୋଷଣା କରି ଗତକାଲି କହିଥିଲେ, 'ଦୁଇ ବର୍ଷର ଯୁଦ୍ଧ ଯାହା ପଶ୍ଚିମ ଏସିଆକୁ ଅସ୍ଥିର କରିଥିଲା, ତାହାର ଅନ୍ତ ଘଟିଛି ।' କିନ୍ତୁ ଏହି ନୂଆ ହିଂସା ଯୁଦ୍ଧବିରତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନ ଉଠାଇଛି । ଉଭୟ ପକ୍ଷ ଚୁକ୍ତି ଉଲ୍ଲଂଘନ କରୁଥିବା କେତେକ ମାନବାଧିକାର ଗୋଷ୍ଠୀ ଅଭିଯୋଗ କରିଛନ୍ତି । ଆଜିର ଘଟଣା ଗାଜାରେ ଶାନ୍ତି ସ୍ଥାପନ ଏକ ଜଟିଳ ପ୍ରକ୍ରିୟା ବୋଲି ପୁଣିଥରେ ପ୍ରମାଣିତ କରିଛି ।

## ଆଇଆଇଟି, ଆଇଆଇଏମ୍‌ରେ ବୃଦ୍ଧି ପାଇଛି ଆତ୍ମହତ୍ୟା



ନୂଆଦିଲ୍ଲୀ: ଆଇଆଇଟି, ଆଇଆଇଏମ୍, ଏମ୍ସ ଓ ଏନ୍ଆଇଟି ଭଳି ଦେଶର ଶୀର୍ଷ କଲେଜଗୁଡ଼ିକରେ ଛାତ୍ର ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବା ସୁପ୍ରିମ୍ ?କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛି। ଗଣମାଧ୍ୟମ ତଥ୍ୟ ଅନୁଯାୟୀ, ୨୦୧୮ ପରଠାରୁ ୯୮ରୁ ଅଧିକ ଛାତ୍ରଙ୍କ ମୃତ୍ୟୁ ଘଟିଛି, ସେଥିମଧ୍ୟରୁ ୩୯ଟି କେବଳ ଆଇଆଇଟିରେ ଘଟିଛି। ଏହି ସମସ୍ୟାର ସମାଧାନ ପାଇଁ କୋର୍ଟ ଅବସରପ୍ରାପ୍ତ ଜଷ୍ଟିସ୍ ଏସ୍ ରବୀନ୍ଦ୍ର ଭଟ୍ଟଙ୍କ ନେତୃତ୍ୱରେ ଏକ ଜାତୀୟ ଟାସ୍କଫୋର୍ସ ଗଠନ କରିଥିଲେ। ସରକାରୀ ଅଧିକାରୀଙ୍କ ସହ ମାନସିକ ରୋଗ ଚିକିତ୍ସା, ଶିକ୍ଷା, ଆଇନ ଓ ସାମାଜିକ ନ୍ୟାୟ ବିଶେଷଜ୍ଞମାନଙ୍କୁ ନେଇ ଏହି ଟାସ୍କଫୋର୍ସ ଗଠିତ ହୋଇଥିଲା।

ଟାସ୍କଫୋର୍ସ ଛାତ୍ର, ଅଧ୍ୟାପକ, ଅଭିଭାବକ ଓ ପ୍ରଶାସକଙ୍କ ନିକଟରେ ପହ* ଦେଶବ୍ୟାପୀ ସର୍ଭେ କରିଥିଲା। ଲକ୍ଷ୍ୟ ଥିଲା ଛାତ୍ର ଆତ୍ମହତ୍ୟାର କାରକଗୁଡିକ ବିଷୟରେ ସ୍ପଷ୍ଟ ଓ ବିସ୍ତୃତ ଜ୍ଞାନ ସଂଗ୍ରହ କରିବା ଏବଂ ସମାଧାନ ଲାଗି ସୁପାରିଶ କରିବା। ବାରମ୍ବାର ମନେ ପକାଇବା ସତ୍ତ୍ୱେ ୬୦,୦୦୦ରୁ ଅଧିକ ଉଚ୍ଚଶିକ୍ଷା ଅନୁଷ୍ଠାନ ମଧ୍ୟରୁ କେବଳ ୩,୫୦୦ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏଥିରେ ୧୭ଟି ଆଇଆଇଟି, ୧୫ଟି ଆଇଆଇଏମ୍, ୧୬ଟି ଏମ୍ସ ଏବଂ ୨୪ଟି ଏନ୍ଆଇଟି ରହିଛି। ସେପ୍ଟେମ୍ବର ୨୦୨୫ ସୁଦ୍ଧା, ୧୦୦,୦୦୦ରୁ ଅଧିକ ପ୍ରତିକ୍ରିୟା ସଂଗ୍ରହ କରାଯାଇଥିଲା। ସୁପ୍ରିମ୍‌କୋର୍ଟ ଚେତାବନୀ ଦେଇଛନ୍ତି ଯେ, ଏହି ପ୍ରୟାସକୁ ଅଣଦେଖା କରୁଥିବା ଅନୁଷ୍ଠାନଗୁଡ଼ିକ ଆଇନଗତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ଏବଂ ସେମାନଙ୍କ ପ୍ରତିଷ୍ଠାକୁ କ୍ଷତି ପହ*ଇପାରନ୍ତି। ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ୨୦୨୫ ରିପୋର୍ଟରେ ଦର୍ଶାଯାଇଛି ଯେ, ଛାତ୍ର ଆତ୍ମହତ୍ୟା ୨୦୧୩ରେ ୮,୪୨୩ରୁ ୨୦୨୩ରେ ୧୩,୮୯୨କୁ (୬୫%) ବୃଦ୍ଧି ପାଇଛି। ବର୍ତ୍ତମାନ ସମସ୍ତ ଆତ୍ମହତ୍ୟାର ୮.୧ ପ୍ରତିଶତ ଛାତ୍ର, ଯାହା ୨୦୧୩ରେ ୬.୨ ପ୍ରତିଶତରୁ ବୃଦ୍ଧି ପାଇଛି। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ତାମିଲନାଡୁରେ ସର୍ବାଧିକ ସଂଖ୍ୟକ ଛାତ୍ର ଆତ୍ମହତ୍ୟା ହୋଇଥିବା ରିପୋର୍ଟ ହୋଇଛି। ସମ୍ଭ୍ରାନ୍ତ କଲେଜର ଛାତ୍ରମାନେ ଏକ ଚାପ ଅନୁଭବ କରନ୍ତି। ଏକାଡେମିକ୍ ଚ୍ୟାଲେଞ୍ଜ, ଆର୍ଥିକ ସମସ୍ୟା, ଭେଦଭାବ, ରାଗିଂ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ଖୋରାକ ଯୋଗାଉଥିବା ପରିସ୍ଥିତି ଆତ୍ମହତ୍ୟା ଲାଗି ବାଟ କଢ଼ାଇ ନେଇଥାଏ। ଅଧିକାଂଶ ଆତ୍ମହତ୍ୟା ଉଚ୍ଚ ଆଶା ଓ ତୀବ୍ର ପ୍ରତିଯୋଗିତା ସହ ଏକାଡେମିକ୍ ଚାପ ଓ ସାମାଜିକ ଚାପର ମିଶ୍ରଣ ହେତୁ ହୋଇଥାଏ। ଅନେକ ଛାତ୍ର ସାହାଯ୍ୟ ମାଗିବାଠାରୁ ଦୂରେଇ ରୁହନ୍ତି। ଏହା ପରିବର୍ତ୍ତେ କେତେକ ନିଶା ସେବନ ପରି ଅସ୍ୱାସ୍ଥ୍ୟକର ଅଭ୍ୟାସ ଆଡକୁ ମୁହାଁଇଥାନ୍ତି। ସାମାଜିକ ବହିଷ୍କାର ଓ କ୍ୟାମ୍ପସ୍ ସଂସ୍କୃତି ଚାପକୁ ବଢାଇଥାଏ। ଏଣୁ ନୀତି ଓ କ୍ୟାମ୍ପସ୍ ସଂସ୍କୃତିରେ ଜରୁରୀ ସଂସ୍କାର ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

# ୨-୦ରେ ଟେଷ୍ଟ ସିରିଜ ଜିଣିଲା ଭାରତ

ନୂଆଦିଲ୍ଲୀ,୧୪।୧୦: ଅଧିନାୟକ ଭାବେ ପ୍ରଥମ ଟେଷ୍ଟ ସିରିଜ ଜିତିଛନ୍ତି ଶୁବମନ ଗିଲ। ଜୁନ ମାସରେ ଭାରତର ଟେଷ୍ଟ କ୍ୟାପ୍ଟେନ ପଦ ପାଇଥିବା ଗିଲ ଇଂଲଣ୍ଡ ବିପକ୍ଷ ସିରିଜରୁ ନିଜର ଅଭିଯାନ ଆରମ୍ଭ କରିଥିଲେ। ଏହି ସିରିଜ ୨-୨ରେ ଡ୍ର ରହିଥିଲା। କିନ୍ତୁ ଘରୋଇ ମାଟିରେ ଭାରତ ଗିଲଙ୍କ କ୍ୟାପ୍ଟେନ୍ସିରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ କରିଛି ।

ପ୍ରଥମ ଟେଷ୍ଟକୁ ଟିମ ଇଣ୍ଡିଆ। ଗୋଟିଏ ଇନିଂସ ଓ ୧୪୦ ରନରେ ଜିତିଥିଲା । ଏବେ ଦ୍ୱିତୀୟ ଟେଷ୍ଟକୁ ଦଳ ୭ ୱିକେଟରେ ଜିତି ସିରିଜ କ୍ଲିନସୁଇପ କରିଛି। ଅଭିଜ୍ଞ କେଏଲ ରାହୁଲ ନିଜର ଦମ ଦେଖାଇ ଦ୍ୱିତୀୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିଛନ୍ତି।ଶେଷ ଦିନରେ ଭାରତକୁ ଜିତିବା ପାଇଁ ୫୮ ରନ ଦରକାର ଥିବା ବେଳେ ସାଇ ସୁଦର୍ଶନ ଓ ଅଧିନାୟକ ଶୁବମନ ଗିଲ ଆଉଟ ହୋଇଥିଲେ। କିନ୍ତୁ ରାହୁଲ ଶେଷ ଯାଏ ଅପରାଜିତ ୫୮ ରନର ଇନିଂସ ଖେଳିବା ସହ ଚୌକା ମାରି ଭାରତକୁ ବିଜୟ ଭେଟି ଦେଇଛନ୍ତି । ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳିବା ବେଶ କଷ୍ଟକର। କାରଣ ଏଠାରେ ବଲ ଟର୍ଣ୍ଣ କରିବା ସହ ତଳୁଆ। ରହିଥାଏ। ତଥାପି ରାହୁଲ ନିଜର ଦବଦବା ଦେଖାଇଛନ୍ତି।ରାହୁଲଙ୍କ ଯୋଗୁ ୫ମ ଦିନର ପ୍ରଥମେ ସେସନ୍‌ରେ ହିଁ ଭାରତ ମ୍ୟାଚ୍‌କୁ ଜିତି ନେଇଛି। ୮ ୱିକେଟ ନେଇଥିବା କୁଲଦୀପ ଯାଦବ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ୮ ୱିକେଟ ସହ ୧୦୪ ରନ୍ କରିଥିବା ଅଲରାଉଣ୍ଡରେ ରବିନ୍ଦ୍ର ଜାଡେଜା ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଦିଲ୍ଲୀ ପରାଜୟ ସହ ୱେଷ୍ଟଇଣ୍ଡିଜ କ୍ରମାଗତ ୧୦ଟି ଟେଷ୍ଟ ଭାରତ ଠାରୁ ହାରିବାର ଲଜ୍ଜାଜନକ ରେକର୍ଡ ମୁଣ୍ଡାଇଛି।୨୦୦୨ରୁ ୨୦୨୫ ମଧ୍ୟରେ ଦଳ ୧୦ଟି ଟେଷ୍ଟ ଭାରତ ସହ ଖେଳି ସବୁଥିରେ ହାରିଛି ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପ୍ରଥମ




ଇନିଂସରେ ଯଶସ୍ୱୀ ଜୈସାଲଙ୍କ ୧୭୫, ଗିଲଙ୍କ ଅପରାଜିତ ୧୨୯, ସୁଦର୍ଶନଙ୍କ ୮୭, ଧ୍ରୁବ ଜୁରେଲଙ୍କ ୪୩ ଓ ରାହୁଲଙ୍କ ୩୮ ରନ ବଳରେ ୫୧୮/୫ରେ ପାଳି ଘୋଷଣା କରିଥିଲା। ଏହାର ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ମାତ୍ର ୨୪୮ ରନ କରି ଅଲଆଉଟ ହୋଇ ଯାଇଥିଲା ଭାରତ ପକ୍ଷରୁ କୁଲଦୀପ ଯାଦବ ୫, ରବୀନ୍ଦ୍ର ଜାଡେଜା ୩, ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ୱିକେଟ ନେଇଥିଲେ ।

ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ଭାରତର ସ୍କୋର ଠାରୁ ୨୭୦ ରନ ପଛରେ ରହିଥିବାରୁ ଗିଲ ଫଲୋଅନ ଡାକିଥିଲେ ଲାଗୁଥିଲା ମ୍ୟାଚ୍ ୪ର୍ଥ ଦିନ ସୁଦ୍ଧା ଶେଷ ହୋଇଯିବ କିନ୍ତୁ ୱେଷ୍ଟଇଣ୍ଡିଜ ଟିମ କଡ଼ା ଟକ୍କର ଦେବା ସହ ମ୍ୟାଚ୍‌କୁ ୫ମ ଦିନକୁ ନେଇଯିବାକୁ ସକ୍ଷମ ହୋଇଥିଲା ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ୩୯୦ ରନ କରିବାରୁ ଭାରତକୁ ମ୍ୟାଚ୍ ଜିତିବା ପାଇଁ ୧୨୧ ରନର ଟାର୍ଗେଟ ମିଳିଥିଲା ।

୪ର୍ଥ ଦିନରେ ଭାରତ ତାର ଦ୍ୱିତୀୟ ଇନିଂସରେ ୧୮ ଓଭର ବ୍ୟାଟିଂ କରି ଗୋଟିଏ ୱିକେଟ ହରାଇ ୬୩ ରନ କରି ନେଇଥିଲା। ଦଳ ବିଜୟ ଠାରୁ ୫୮ ରନ ଦୂରରେ ରହିଥିଲା ୪ର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ କେଏଲ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ୧୭୫ ରନ କରିଥିବା ଯଶସ୍ୱୀ ଜୈାଲ ୮ ରନ କରି ୪ର୍ଥ ଦିନରେ ଏକମାତ୍ର ଭାରତୀୟ ବ୍ୟାଟର ଭାବେ ଆଉଟ ହୋଇଥିଲେ । ଆଜି ସୁଦର୍ଶନ ଓ ରାହୁଲ ସ୍ଥିତି ସମ୍ଭାଳି ଦଳୀୟ ସ୍କୋରକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ। ହେଲେ ଗତକାଲିର ସ୍କୋରରେ ଆଉ ୯ ରନ ଯୋଡ଼ି ସୁଦର୍ଶନ ଦିବସର ପ୍ରଥମ ଖେଳାଳି ଭାବେ ରୋଷ୍ଟନ ଚେଜଙ୍କ ଶିକାର ବନିଥିଲେ। ଗିଲ ମଧ୍ୟ କେବଳ ୧୩ ରନ କରିବାକୁ ସକ୍ଷମ ହୋଇଥିଲେ ତାଙ୍କ ୱିକେଟ ମଧ୍ୟ ଚେଜଙ୍କ ଖାତାକୁ ଯାଇଛି। ଗିଲ ଆଉଟ ହେବା ବେଳକୁ ଭାରତକୁ ଜିତିବା ପାଇଁ ମାତ୍ର ୧୩ ରନ ଦରକାର ଥିଲା। ଇତି ମଧ୍ୟରେ ରାହୁଲ ୧୦୧ ବଲରେ ନିଜ ଟେଷ୍ଟ କ୍ୟାରିୟରରେ ଆଉ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ତାଙ୍କୁ ଜୁରେଲ ସାଥ ଦେଇଥିଲେ ଉଭୟ ବାକି ରନ ଭାରତ ଖାତାରେ ଯୋଡ଼ି ଦଳକୁ ୭ୱିକେଟରେ ବିଜୟ ଭେଟି ଦେଇଥିଲେ ରାହୁଲ ଅପରାଜିତ ୫୮ ଓ ଜୁରେଲ ଅପରାଜିତ ୬ ରନ କରିଛନ୍ତି

ମ୍ୟାଚ୍‌ରେ ୮ ୱିକେଟ ଦଖଲ କରିଥିବା କୁଲଦୀପ ଯାଦବ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।ସେ ପ୍ରଥମ ଇନିଂସରେ ୫ ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିଲେ। ସେହିପରି ପ୍ରଥମ ଟେଷ୍ଟରେ ଶତକ ସହ ସିରିଜରେ ୮ ୱିକେଟ ନେଇଥିବା ରବୀନ୍ଦ୍ର ଜାଡେଜା ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।ଏହାପୂର୍ବରୁ ପ୍ରଥମ ଇନିଂସରେ ଫଲୋଅନ ଖାଇଥିବା ୱେଷ୍ଟଇଣ୍ଡିଜ ଦମଦାର ପ୍ରଦର୍ଶନ କରିଥିଲା ତୃତୀୟ ଦିନ ସୁଦ୍ଧା ଦଳ ୨ ୱିକେଟ ହରାଇ ୧୭୩ ରନ୍ ସଂଗ୍ରହ କରି ନେଇଥିଲା। ତଥାପି ଦଳ ଭାରତଠାରୁ ୯୭ ରନ୍ ପଛରେ ରହିଥିଲା। ପ୍ରଥମ ଇନିଂସରେ ଇଣ୍ଡିଜ ଟିମ ୨୪୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିବାରୁ ଭାରତକୁ ୨୭୦ ରନ୍‌ର ଅଗ୍ରଣୀ ମିଳିଥିଲା।

ଫଲୋଅନ ଖାଇବା ପରେ ପ୍ରଥମ ଇନିଂସର ଭୁଲ୍‌କୁ ପୁଣି ଦୋହରାଇ ଥିଲା ଇଣ୍ଡିଜ ଆରମ୍ଭରୁ ଦଳ ଚନ୍ଦ୍ରପଲ(୧୭) ଓ ଅଲିକ ଅଥାଞ୍ଜେ(୧୦)ଙ୍କୁ ହରାଇଥିଲା ୩୫ ରନରେ ଦୁଇ ୱିକେଟ ହରାଇ ଇନିଂସ ପରାଜୟ ଅଭିମୁଖେ ଯାଇଥିଲା। ଦଳ ହେଲେ କ୍ୟାମ୍ପବେଲ ଓ ଅଭିଜ୍ଞ ସାଇ ହୋପ ଦମଦାର ବ୍ୟାଟିଂ କରି ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଆଉ କୌଣସି କ୍ଷତିରେ ଦଳୀୟ ସ୍କୋରକୁ ୧୭୩ରେ ପହଞ୍ଚାଇ ଦେଇଥିଲେ।

ଆଜି ୪ର୍ଥ ଦିନରେ ଏହି ସ୍କୋରକୁ ଉଭୟ ଆଗକୁ ନେଇଥିଲେ। କ୍ୟାମ୍ପବେଲ ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ମଧ୍ୟ ହାସଲ କରିଥିଲେ। ତେବେ ଦଳୀୟ ସ୍କୋର ୨୧୨ ଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲରେ ୧୧୫ ରନ ଆଉଟ ହୋଇଥିଲେ କ୍ୟାମ୍ପବେଲ ସେ ଏହି ଇନିଂସରେ ୧୨ଟି ଚୌକା ଓ ୩ଟି ଛକା ମାରିଛନ୍ତି । କ୍ୟାମ୍ପବେଲ ଆଉଟ ହୋଇଥିଲେ ହେଁ ସାଇ ହୋପ ହାର ମାନି ନଥିଲେ ସେ ଅଧିନାୟକ ରୋଷ୍ଟନ ଚେଜଙ୍କୁ ସାଥୀ କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ନିଜର ଶତକ ହାସଲ କରିବା ସହ ପ୍ରଥମେ ଇଣ୍ଡିଜକୁ ଇଂନିସ ପରାଜୟ ଲଜ୍ଜାରୁ ରକ୍ଷା କରିଥିଲେ। ଇଣ୍ଡିଜ ଦ୍ୱିତୀୟ ଇନିଂସରେ ପ୍ରଥମେ ଭାରତର ୨୭୦ ରନ ସୁଝିଥିଲା।

## ବିଶ୍ୱ ଟେଷ୍ଟ ଚାମ୍ପିୟନସିପ : ଭାରତର ସ୍ଥାନ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୪।୧୦:ଦିଲ୍ଲୀରେ ଖେଳା ଯାଉଥିବା ଦ୍ୱିତୀୟ ଟେଷ୍ଟକୁ ଭାରତୀୟ ଟିମ ୭ ୱିକେଟରେ ଜିତି ନେଇଛି ପ୍ରଥମ ଟେଷ୍ଟ ଅଢ଼େଇ ଦିନରେ ଶେଷ ହୋଇଥିଲା। କିନ୍ତୁ ଦ୍ୱିତୀୟ ଟେଷ୍ଟରେ ଇଣ୍ଡିଜ ଟିମ କଡ଼ା ଫାଇଟ ଦେଇ ମ୍ୟାଚକୁ ଶେଷ ଦିନ ଯାଏ ଟାଣିଥିଲା। ଦ୍ୱିତୀୟ ଟେଷ୍ଟରେ ଭାରତ ବିଜୟ ପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ(୨୦୨୫-୨୭)ର ପଏଣ୍ଟ ଟେବୁଲରେ କେତେ ନମ୍ବର ସ୍ଥାନରେ ପହଞ୍ଚିଛି, ତା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଭାରତର ବିଜୟ ପରେ ଆଇସିସି ପକ୍ଷରୁ ଅପଡେଟ ହୋଇଥିବା ପଏଣ୍ଟ ଟେବୁଲରେ ଭାରତ ପୂର୍ବ ଭଳି ତୃତୀୟ ସ୍ଥାନରେ ରହିଛି ପଏଣ୍ଟ ଟେବୁଲର ୧ନଂ ସ୍ଥାନରେ ଅଷ୍ଟ୍ରେଲିଆ। ଓ ଦୁଇ ନମ୍ବରରେ ଶ୍ରୀଲଙ୍କା ରହିଛି।




ଗିଲଙ୍କ କ୍ୟାପ୍ଟେନ୍ସିରେ ୨୦୨୫-୨୭ ଅଭିଯାନ ଆରମ୍ଭ କରିଥିବା ଭାରତ ପ୍ରଥମେ ଇଂଲଣ୍ଡ ମାଟିରେ ୫ଟି ଟେଷ୍ଟ ଖେଳିଥିଲା। ଏହି ସିରିଜ ୨-୨ରେ ବରାବର ରହିଥିଲା। ଏବେ ଘରୋଇ ମାଟିରେ ଦଳ ଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ ଖେଳି ଦୁଇଟି ଯାକ ଜିତିଛି। ଭାରତ ବିଜୟ ସତ୍ତ୍ୱେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଭାରତର ବିଜୟ ବିଜୟ ପ୍ରତିଶତ ପଏଣ୍ଟ ୫୫.୫୬ରୁ ୬୧.୯୦କୁ ବୃଦ୍ଧି ପାଇଛି। ଭାରତ ଏଯାଏ ୭ଟି ଟେଷ୍ଟ ଖେଳିଥିବା ବେଳେ ୪ଟିରେ ଜିତିଛି ଓ ୨ଟି ହାରିଛି ସେହିପରି ଗୋଟିଏ ମ୍ୟାଚ୍ ଡ୍ର ରହିଛି।

ପ୍ରଥମ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍ ଖେଳି ୩ଟିରେ ଜିତିଛି। ଦଳର ବିଜୟ ପ୍ରତିଶତ ୧୦୦% ରହିଛି। ଶ୍ରୀଲଙ୍କା ଦୁଇଟି ଟେଷ୍ଟ ଖେଳିଥିବା ବେଳେ ଗୋଟିଏ ଜିତିଛି ଓ ଗୋଟିଏ ଡ୍ର ରହିଛି।ତେଣୁ ଶ୍ରୀଲଙ୍କାର ବିଜୟ ପ୍ରତିଶତ ୬୬.୬୭ ପଏଣ୍ଟ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ଭାରତ ପରେ ଇଂଲଣ୍ଡ(୪୩.୩୩) ଓ ବାଂଲାଦେଶ(୧୬.୬୭) ରହିଛି।

ୱେଷ୍ଟଇଣ୍ଡିଜ ୨୦୨୫-୨୭ ରେ ଏଯାଏ ୫ଟି ଟେଷ୍ଟ ଖେଳିଛି। କିନ୍ତୁ ଦଳକୁ ୫ଟି ଯାକ ଟେଷ୍ଟ ହାରିବାକୁ ପଡ଼ିଛି। ଭାରତ ପୂର୍ବରୁ ୱେଷ୍ଟଇଣ୍ଡିଜ ୩ଟି ଟେଷ୍ଟ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ଘରୋଇ ମାଟିରେ ବି ଇଣ୍ଡିଜ ଟିମକୁ ୩ଟି ଯାକ ଟେଷ୍ଟରେ ହାରିବାକୁ ପଡ଼ିଥିଲା। ଏବେ ଭାରତ ବିପକ୍ଷରେ ମଧ୍ୟ ଦଳ ୨ଟି ଯାକ ଟେଷ୍ଟ ହାରିଛି।

## ୪ ମାସ ପରେ ଭାରତ ଫେରିଲେ କୋହଲି

ନୂଆଦିଲ୍ଲୀ, ୧୪।୧୦: ଷ୍ଟାର ଭାରତୀୟ ବ୍ୟାଟର ବିରାଟ କୋହଲି ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଛନ୍ତି ସେ ଭାରତୀୟ ଦଳର ଅବଶିଷ୍ଟ ଖେଳାଳିଙ୍କ ସହ ଅଷ୍ଟ୍ରେଲିଆ। ଟୁର କରିବେ।



ଆସନ୍ତା ୧୯ ତାରିଖରୁ ଅଷ୍ଟ୍ରେଲିଆରେ ଆରମ୍ଭ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜ୍ ଲାଗି କୋହଲିଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି ଏବେ କୋହଲି ତାଙ୍କ ପତ୍ନୀ ଅନୁଷ୍କା ଶର୍ମା। ଓ ଦୁଇ ଛୁଆଙ୍କ ସହ ଲଣ୍ଡନରେ ରହୁଛନ୍ତି ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ପ୍ରଥମ ଆଇପିଏଲ ଟ୍ରଫି ଜିତିବା ପରେ ଜୁନରେ ଦେଶ ଛାଡ଼ି ଥିଲେ। ସେ ୪ ମାସ ପରେ ଭାରତକୁ ଫେରିଛନ୍ତି।

## ୪୪ ବର୍ଷରେ ପାଦ ଦେଲେ ଗୌତମ ଗମ୍ଭୀର

ନୂଆଦିଲ୍ଲୀ,୧୪।୧୦: ଗୌତମ ଗମ୍ଭୀର ମଙ୍ଗଳବାର ତାଙ୍କର ୪୪ତମ ଜନ୍ମଦିନ ପାଳନ କରୁଛନ୍ତି। ସେ ବର୍ତ୍ତମାନ ଟିମ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଏବଂ ମଙ୍ଗଳବାର ତାଙ୍କର ଜନ୍ମଦିନ ପାଳନ କରିବା ପରେ ବୁଧବାର ଅଷ୍ଟ୍ରେଲିଆ। ଯିବେ। ଜଣେ ଖେଳାଳି ଭାବରେ ତାଙ୍କର ଏକ ଚମତ୍କାର କ୍ୟାରିଅର ମଧ୍ୟ ଥିଲା, ସେ ୨୦ ବିଶ୍ୱକପ (୨୦୦୭) ଏବଂ ବିଶ୍ୱକପ (୨୦୧୧) ବିଜେତା ଦଳଗୁଡ଼ିକର ଅଂଶ ଥିଲେ। ଜଣେ ଅଧିନାୟକ ଭାବରେ, ସେ ଟ୍ରଫି ମଧ୍ୟ ଜିତିଥିଲେ ଏବଂ ଜଣେ ପରାମର୍ଶଦାତା ଭାବରେ ଭାରତ କୁ ବିଜୟୀ କରାଇଥିଲେ। ତାଙ୍କ ପ୍ରଶିକ୍ଷଣରେ ଟିମ ଇଣ୍ଡିଆ। ଏହି ବର୍ଷ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଗୌତମ ଗମ୍ଭୀରଙ୍କ ଜନ୍ମ ଅକ୍ଟୋବର ୧୪, ୧୯୮୧ରେ ଦିଲ୍ଲୀରେ ହୋଇଥିଲା। ତାଙ୍କ ୱିକିପିଡିଆ। ପୃଷ୍ଠା ଅନୁସାରେ, ଗମ୍ଭୀରଙ୍କ ଜେଜେବାପା ୧୯୪୭ରେ ମୁଲତାନରୁ ଦିଲ୍ଲୀ ଆସିଥିଲେ। ଗମ୍ଭୀରଙ୍କୁ ତାଙ୍କ ଜେଜେବାପା ପୋଷ୍ୟପୁତ୍ର ଗ୍ରହଣ କରିଥିଲେ। ଏବଂ ସେବେଠାରୁ ସେ ସେମାନଙ୍କ ସହିତ ରହୁଛନ୍ତି ।ଗମ୍ଭୀର ୧୦ ବର୍ଷ ବୟସରେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ ଏବଂ ଦିଲ୍ଲୀର ମଡର୍ଣ୍ଣ ସ୍କୁଲରେ ପାଠପଢ଼ିଥିଲେ। ଗମ୍ଭୀର ତାଙ୍କ ପ୍ରାରମ୍ଭିକ ଜୀବନରେ ସଞ୍ଜୟ ଭରଦ୍ୱାଜଙ୍କ ପ୍ରଶିକ୍ଷଣରେ ଲାଲ ବାହାଦୁର ଶାସ୍ତ୍ରୀ ଏକାଡେମୀରେ କ୍ରିକେଟ ଶିଖିଥିଲେ। ଅକ୍ଟୋବର ୨୦୧୮ରେ, ଗୌତମ ଗମ୍ଭୀର ବିଜୟ ହଜାରେ ଟ୍ରଫିରେ ଲିଷ୍ଟ ଏ କ୍ରିକେଟରେ ୧୦,୦୦୦ ରନ ପୂରଣ କରିଥିଲେ। ଏହା ପରେ, ସେ ଡିସେମ୍ବର ୩, ୨୦୧୮ରେ ସମସ୍ତ ପ୍ରକାରର କ୍ରିକେଟରୁ ଅବସର ଘୋଷଣା କରିଥିଲେ। ୨୦୨୨ରେ, ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ତାଙ୍କୁ ମେଣ୍ଟର ଭାବରେ ନିଯୁକ୍ତ କରିଥିଲା ୨୦୨୪ରେ, ତାଙ୍କୁ ଦ୍ୱାରା ନିଯୁକ୍ତ କରାଯାଇଥିଲା, ଯିଏ ସେହି ବର୍ଷ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଟ୍ରଫି ଜିତିଥିଲା। ଜୁଲାଇ ୯, ୨୦୨୪ରେ, ତାଙ୍କୁ ଭାରତୀୟ ପୁରୁଷ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଥିଲା ତାଙ୍କ ଅଧିନାୟକତ୍ୱରେ ଭାରତ ଏହି ବର୍ଷ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା ଗତ ମାସରେ, ଗୌତମ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ଏସିଆ। କପ ଟ୍ରଫି ମଧ୍ୟ ଜିତିଥିଲା।ଗୌତମ ଗମ୍ଭୀର ୨୦୧୧ରେ ନତାଶା ଜୈନଙ୍କୁ ବିବାହ କରିଥିଲେ; ସେମାନଙ୍କ ପରିବାର ପରସ୍ପରକୁ ପୂର୍ବରୁ ଜାଣିଥିଲେ। ଗୌତମ ଗମ୍ଭୀର ବର୍ତ୍ତମାନ ଦିଲ୍ଲୀର ରାଜେନ୍ଦ୍ର ନଗରରେ ରୁହନ୍ତି। ସମ୍ପ୍ରତି, ସମଗ୍ର ଭାରତୀୟ କ୍ରିକେଟ ଦଳ ତାଙ୍କ ଘରକୁ ରାତ୍ରୀଭୋଜନ ପାଇଁ ଆସିଥିଲେ।ଟାଇମ୍ସ ଅଫ ଇଣ୍ଡିଆକୁ ଉଦ୍ଧୃତ କରି ମାଇଖେଲ କହିଛି ଯେ ଗୌତମ ଗମ୍ଭୀରଙ୍କ ସମ୍ପତ୍ତି ପ୍ରାୟ ୨୬୫ କୋଟି (୨୦୨୪ ସୁଦ୍ଧା) ବୋଲି ରିପୋର୍ଟ କରିଛନ୍ତି। ସେ ପୂର୍ବ ଦିଲ୍ଲୀରୁ ଏମପି ସଦସ୍ୟ ଭବରେ ମଧ୍ୟ କାର୍ଯ୍ୟ କରିଥିଲେ (୨୦୧୯-୨୦୨୪) ୨୦୧୯ରେ, ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଥିଲା।

## ଭାରତୀୟ ଟିମ ମ୍ୟାନେଜମେଣ୍ଟକୁ ଟାର୍ଗେଟ କଲେ ଶାମି

ନୂଆଦିଲ୍ଲୀ,୧୪।୧୦: ବାରମ୍ବାର ଜାତୀୟ ଟିମରୁ ବାହାରେ ରହି ଆସୁଥିବା ଭାରତର ଦ୍ରୁତ ବୋଲର ମହମ୍ମଦ ଶାମି ଏଥର ନିଜର ଧୈର୍ଯ୍ୟ ହରାଇଛନ୍ତି ତାଙ୍କୁ ଭାରତୀୟ ଟିମରେ ଚୟନ କରାଯାଉ ନଥିବାରୁ ସେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଫିଟନେସ ଯୋଗୁ ତାଙ୍କୁ ବାରମ୍ବାର ଅଣଦେଖା କରାଯାଉଥିବା ବିସିସିଆଇ କହୁଛି ଖାସ ଏଥିପାଇଁ ଅଷ୍ଟ୍ରେଲିଆ। ବିପକ୍ଷ ଦିନିକିଆ। ଓ ଟି-୨୦ ସିରିଜରୁ ମଧ୍ୟ ତାଙ୍କୁ ବାଦ ଦିଆଯାଇଛି। କିନ୍ତୁ ଫିଟନେସ କାରଣକୁ ନେଇ ଶାମି ସିଧା ଭାରତୀୟ ଟିମ ମ୍ୟାନେଜମେଣ୍ଟକୁ ଟାର୍ଗେଟ କରିଛନ୍ତି। ଶାମିଙ୍କ ଫିଟନେସ ସମସ୍ୟା ରହିଥିବା ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଟିମ ଘୋଷଣ ବେଳେ କହି ଆସୁଛନ୍ତି।କିନ୍ତୁ ଏହି ଗୁଜବକୁ ଖଣ୍ଡନ କରିଛନ୍ତି ଶାମି ସେ ସୀମିତ ଓଭର କ୍ରିକେଟରେ ସ୍ଥାନ ପାଉ ନଥିଲେ ହେଁ ଏଥିପାଇଁ ପ୍ରସ୍ତୁତ ରହିଥିବା କହିଛନ୍ତି। ମ୍ୟାନଜେମେଣ୍ଟର ଯୋଗାଯୋଗରେ ସମସ୍ୟା ରହିଛି। ଏଥିରେ ତାଙ୍କର କିଛି ଭୁଲ ନାହିଁ ଯଦି ସେ ୪ ଦିନିଆ।




ରଣଜୀ ଟ୍ରଫି ଖେଳିବାକୁ ଫିଟ ଅଛନ୍ତି, ତାହେଲେ ୫୦ ଓଭର କ୍ରିକେଟ ଖେଳିବାକୁ ମଧ୍ୟ ଫିଟ ବୋଲି ଶାମି ମତ ରଖିଛନ୍ତି। ଅଷ୍ଟ୍ରେଲିଆ। ବିପକ୍ଷ ସୀମିତ ଓଭର ସିରିଜରୁ ବାଦ ପଡ଼ିଥିବା ଶାମିଙ୍କ ନାଁ ୨୦୨୫-୨୬ ରଣଜୀ ଟ୍ରଫି ପାଇଁ ଘୋଷଣା ହୋଇଥିବା ବେଙ୍ଗଲ ଦଳରେ ରହିଛନ୍ତି। ବେଙ୍ଗଲର ନେତୃତ୍ୱ ଅଭିମନ୍ୟୁ ଈଶ୍ୱରନ ନେବେ। ଶାମି ବେଙ୍ଗଲ ପାଇଁ ଖେଳିବେ ଆସନ୍ତାକାଲି ଠାରୁ ରଣଜୀ ମ୍ୟାଚ ଆରମ୍ଭ ହେଉଥିବା ବେଳେ ଶାମି ଆଜି ବଡ଼ ବୟାନ ଦେଇଛନ୍ତି ।

ସେ କହିଛନ୍ତି, ଭାରତୀୟ ଟିମ ମ୍ୟାନେଜମେଣ୍ଟ ମୋ ସହ ଫିଟନେସକୁ ନେଇ କୌଣସି ପ୍ରକାରର ଯୋଗାଯୋଗ କରିନାହିଁ ମୁଁ ସେମାନଙ୍କ ମଧ୍ୟରୁ ଜଣେ ନୁହେଁ ଯେ ଯିଏ ନିଜର ଫିଟନେସ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବ। ସେମାନଙ୍କୁ ଏନେଇ ମୋତେ ପଚାରିବାକୁ ପଡ଼ିବ।

ଯଦି ମୁଁ ୪ ଦିନିଆ। ରଣଜୀ ଟ୍ରଫି ମ୍ୟାଚ୍‌ଗୁଡ଼ିକ ଖେଳି ପାରିବି, ତାହେଲେ କାହିଁକି ୫୦ ଓଭର ମ୍ୟାଚ୍ ଖେଳିପାରିବି ନାହିଁ? ଯଦି ମୁଁ ଫିଟ ନୁହେଁ, ତାହେଲେ ମୁଁ ଏନସିଏରେ ରହିବା କଥା ଏଠାରେ ରଣଜୀ ଟ୍ରଫି ଖେଳିବା କଥା ନୁହେଁ ।ଶାମି ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଶେଷଥର ପାଇଁ ଭାରତ ପାଇଁ ଖେଳିଥିଲେ ଏହା ପରଠାରୁ ଫିଟନେସ ସମସ୍ୟା ପାଇଁ ତାଙ୍କୁ ବାରମ୍ବାର ଜାତୀୟ ଦଳରୁ ବାହାରେ ରଖାଯାଇଛି।

## ହାତ ମିଳାଇଲେ ଭାରତ, ପାକିସ୍ତାନର ହକି ଖେଳାଳି



କ୍ୱାଲାଲୁମ୍ପୁର,୧୫।୧୦ : ମାଲେସିଆର କ୍ୱାଲାଲୁମ୍ପୁରଠାରେ ଖେଳାଯାଉଥିବା ସୁଲତାନ ଜୋହର କପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଏକ ମ୍ୟାଚ ୩-୩ ଡ୍ରରେ ଶେଷ ହୋଇଛି। ତେବେ ଏହି ଫଳାଫଳ ନୁହେଁ, ଆଉ ଏକ କାରଣ ଯୋଗୁଁ ମ୍ୟାଚଟି ଚର୍ଚ୍ଚାରେ ରହିଛି। ତାହା ହେଉଛି ମ୍ୟାଚ ଆରମ୍ଭ ପୂର୍ବରୁ ଦୁଇ ଦେଶର ଖେଳାଳି ପରସ୍ପର ସହ ହାଇ ଫାଇଭ (ଏକ ପ୍ରକାର ହାତ ମିଳାଇବା) କରିଥିଲେ। ଏହି ଘଟଣାକୁ ଗତ ଏସିଆ। କପ କ୍ରିକେଟରେ ହୋଇଥିବା ହାଣ୍ଡସେକ୍ ବିବାଦ ସହ ଯୋଡ଼ାଯାଉଛି କୁହାଯାଉଛି ଯେ ଏସିଆ। କପରେ ଦୁଇ ଦେଶର ଖେଳାଳିମାନେ ହାଣ୍ଡସେକ ନକରି ଯେଉଁ ବିବାଦ ସୃଷ୍ଟି କରିଥିଲେ ତାହାକୁ ଏଡ଼ାଇବାକୁ ଉଦ୍ୟମ କରିଛନ୍ତି ଦୁଇ ଦେଶର ହକି ଖେଳାଳି।

ଗତ ସେପ୍ଟେମ୍ବର ମାସରେ ହୋଇଥିବା ଏସିଆ। କପରେ ଭାରତ ଓ ପାକିସ୍ତାନ ଖେଳାଳିମାନେ ହାତ ନ ମିଳାଇବାରୁ ତାହା ଏକ ବଡ଼ ବିବାଦର କାରଣ ହୋଇଥିଲା। ଫାଇନାଲରେ ଏସିସି ମୁଖ୍ୟ ମୋହସିନ ନକଭିଙ୍କ ଠାରୁ ଭାରତୀୟ ଖେଳାଳିମାନେ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲେ ।ଫଳରେ ବିଜୟୀ ହୋଇଥିଲେ ବି ଏପର୍ଯ୍ୟନ୍ତ ଟ୍ରଫି ଭାରତ ହାତକୁ ଆସିନାହିଁ ।

## ଏସୀୟ ଟେବୁଲ୍ ଟେନିସ୍ : ଭାରତୀୟ ପୁରୁଷ ଷଷ୍ଠ, ମହିଳା ଅଷ୍ଟମ

ଭୁବନେଶ୍ୱର,୧୪।୧୦(ମହାଭାରତ): ଏସୀୟ ଟେବୁଲ୍ ଟେନିସ୍ (ଟିଟି) ଦଳଗତ ପ୍ରତିଯୋଗିତାର ଗତ ସଂସ୍କରଣର କାଂସ୍ୟ ବିଜେତା ଭାରତୀୟ ପୁରୁଷ ଓ ମହିଳା ଦଳ ଯଥାକ୍ରମେ ଷଷ୍ଠ ଓ ଅଷ୍ଟମ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି ପଞ୍ଚମ ସ୍ଥାନ ମୁକାବିଲାରେ ଭାରତୀୟ ପୁରୁଷ ୦-୩ରେ ଦକ୍ଷିଣ କୋରିଆଠୁ ହାରିଯାଇଥିଲା। ଏହା ପୂର୍ବରୁ ପଞ୍ଚମରୁ ଅଷ୍ଟମ ସ୍ଥାନ ମୁକାବିଲାରେ ଏହି ଦଳ ୩-୨ରେ ଉତ୍ତର କୋରିଆକୁ ହରାଇଥିଲା ମହିଳା ଦଳ ସପ୍ତମ ସ୍ଥାନ ମୁକାବିଲାରେ ୨-୩ରେ ହଂକଠୁ ପରାସ୍ତ ହୋଇଛି।

ଏହା ପୂର୍ବରୁ ପଞ୍ଚମରୁ ଅଷ୍ଟମ ସ୍ଥାନ ମୁକାବିଲାରେ ୧-୩ରେ ଉତ୍ତର କୋରିଆଠୁ ହାରିଥିଲା ମହିଳା ଫାଇନାଲ୍‌ରେ ଚୀନ୍ ଓ ଜାପାନ ପହଞ୍ଚିଛନ୍ତି। ସେମିଫାଇନାଲ୍‌ରେ ଚୀନ୍ ୩-୦ରେ ଉତ୍ତର କୋରିଆକୁ ଏବଂ ଜାପାନ ୩-୦ରେ ସିଙ୍ଗାପୁରକୁ ପରାସ୍ତ କରିଛି। ପୁରୁଷ ଫାଇନାଲ୍‌ରେ ହଂକଂ ଓ ଚୀନ ମୁହାଁମୁହିଁ। ହେବେ ହଂକଂ ୩-୨ରେ ଚାଇନିଜ୍ ତାଇପେକୁ ଏବଂ ଚୀନ୍ ୩-୨ରେ ଜାପାନକୁ ମାତ୍ ଦେଇଛି।

## ଭାରତର ଟେଷ୍ଟ ସିରିଜ ବିଜୟ ପରେ ଟିମକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୧୦: ଭାରତର ଟେଷ୍ଟ ସିରିଜ ବିଜୟ ପରେ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୱେଷ୍ଟ ଇଣ୍ଡିଜ ବିରୋଧରେ ଭାରତୀୟ ଦଳକୁ ଟେଷ୍ଟ ସିରିଜ୍ ବିଜୟ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଦଳର ଉତ୍କୃଷ୍ଟ ପ୍ରଦର୍ଶନ, ଧୈର୍ଯ୍ୟ ଓ ଅତୁଟ ସଂକଳ୍ପ ପୁଣି ଥରେ ଦେଶକୁ ଗର୍ବିତ କରିଛି।

ଏହି ସିରିଜ୍ ବିଜୟ ଭାରତୀୟ କ୍ରିକେଟର ଶକ୍ତି, ଗଭୀରତା ଓ ଦଳୀୟ ମନୋଭାବର ପ୍ରତିବିମ୍ବ। ଏହି ଦଳ ଆଜି ଲକ୍ଷାଧିକ ଲୋକଙ୍କୁ ପ୍ରେରଣା ଦେଉଛି ।ସମସ୍ତ ଖେଳାଳି ଓ ସହଯୋଗୀ ଟିମ୍ ସଦସ୍ୟଙ୍କୁ ଆଗାମୀ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଅଧିକ ସଫଳତା ପାଇଁ ଶୁଭେଚ୍ଛା।

## କୋହଲି-ରୋହିତଙ୍କ ଅବସର ଚର୍ଚ୍ଚା

ନୂଆଦିଲ୍ଲୀ,୧୪।୧୦: ଭାରତୀୟ କ୍ରିକେଟ ଦଳ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ୱେଷ୍ଟଇଣ୍ଡିଜ୍‌କୁ ୨-୦ ରେ ପରାସ୍ତ କରିଛି ଭାରତ ପଞ୍ଚମ ଦିନରେ ଦିଲ୍ଲୀରେ ଦ୍ୱିତୀୟ ଟେଷ୍ଟକୁ ୭ ଉଇକେଟ୍‌ରେ ଜିତିଛି ।ଏହା ପରେ, ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକ ଖବରଦାତା ସମ୍ମିଳନୀରେ ସମ୍ବୋଧିତ କରିଛନ୍ତି। ସେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭବିଷ୍ୟତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି ଅଷ୍ଟ୍ରେଲିଆ। ଗସ୍ତରେ ଉଭୟ ଅଭିଜ୍ଞ ଖେଳାଳିଙ୍କୁ ସିରିଜରେ ଖେଳିବାର ଦେଖାଯିବ, କିନ୍ତୁ ଏହି ସିରିଜ ସେମାନଙ୍କର ଭବିଷ୍ୟତ ନିର୍ଣ୍ଣୟ କରିବ ବୋଲି ବିଶ୍ୱାସ କରାଯାଉଛି।

ଗତବର୍ଷ ଟି-୨୦ ବିଶ୍ୱକପ ଜିତିବା ପରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଟି-୨୦ ଫର୍ମାଟରୁ ଅବସର ନେଇଥିଲେ ।ସେତେବେଳେ ରାହୁଲ ଦ୍ରାବିଡ ମୁଖ୍ୟ ପ୍ରଶିକ୍ଷକ ଥିଲେ। ତାପରେ ଗୌତମ ଗମ୍ଭୀରଙ୍କୁ ପ୍ରଶିକ୍ଷକ ନିଯୁକ୍ତ କରାଯାଇଥିଲା ଏହି ବର୍ଷ, ରୋହିତ ଏବଂ କୋହଲି ମଧ୍ୟ ଟେଷ୍ଟ ଫର୍ମାଟରୁ ଅବସର ନେଇଥିଲେ, ଏବଂ ବର୍ତ୍ତମାନ କେବଳ ଦିନିକିଆ। ଖେଳିବେ ଅଷ୍ଟ୍ରେଲିଆ। ଗସ୍ତ ପୂର୍ବରୁ, ପରିଚାଳନା ସଂସ୍ଥା ରୋହିତଙ୍କୁ ଦିନିକିଆ। ଅଧିନାୟକ ପଦରୁ ହଟାଇ ଶୁଭମନ ଗିଲଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲା ଏହା ପରେ, ଏହା ବିଶ୍ୱାସ କରାଯାଉଥିଲା ଯେ ରୋହିତ ୨୦୨୭ ବିଶ୍ୱକପ ପର୍ଯ୍ୟନ୍ତ ଖେଳିପାରିବେ ନାହିଁ ଏବେ, ଗମ୍ଭୀର ଉଭୟ



ଅଭିଜ୍ଞ ଖେଳାଳିଙ୍କ ଭବିଷ୍ୟତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ ପୁଣି ଥରେ ଚର୍ଚ୍ଚାକୁ ଆରମ୍ଭ କରିଛନ୍ତି।

ଗୌତମ ଗମ୍ଭୀର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆମକୁ ବର୍ତ୍ତମାନରେ ରହିବାକୁ ପଡିବ ଆମେ ଆଶା କରୁଛୁ ଯେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଅଷ୍ଟ୍ରେଲିଆ। ଗସ୍ତ ସଫଳ ହେବ ଆମକୁ ପରବର୍ତ୍ତୀ ସିରିଜ ଉପରେ ଧ୍ୟାନ ଦେବାକୁ ପଡିବ, ଯାହା ଅଷ୍ଟ୍ରେଲିଆ। ବିପକ୍ଷ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଉଭୟ (କୋହଲି ଏବଂ ରୋହିତ) ଉତ୍କୃଷ୍ଟ ଖେଳାଳି ଆମକୁ ଦେଖିବାକୁ ପଡିବ ଯେ ସେମାନେ ଅଷ୍ଟ୍ରେଲିଆ। ଗସ୍ତରେ କିପରି ପ୍ରଦର୍ଶନ କରିଛନ୍ତି। ରୋହିତ ଏବଂ କୋହଲି ଶେଷ ଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ଏକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ, ଯେଉଁଠାରେ ରୋହିତ ୭୬ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରି ଟାଇଟଲ ଜିତିଥିଲା ଏବଂ ଅଧିନାୟକ ରୋହିତଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯେ କୋହଲି ଏବଂ ରୋହିତ ୨୦୨୭ ପର୍ଯ୍ୟନ୍ତ ଖେଳିବେ କି ନାହିଁ ଗମ୍ଭୀରଙ୍କ ବୟାନରୁ ଜଣାପଡୁଛି ଯେ ଅଷ୍ଟ୍ରେଲିଆ। ଗସ୍ତରେ ସେମାନଙ୍କ ପ୍ରଦର୍ଶନ ଦେଖିବା ପରେ ସେମାନଙ୍କ ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନିଆଯିବ। କୋହଲି ବର୍ତ୍ତମାନ ୩୬ ବର୍ଷ ବୟସର ଏବଂ ବିଶ୍ୱକପ ସମୟରେ ୩୮ ବର୍ଷ ବୟସର ହେବେ, ଯେତେବେଳେ ରୋହିତ ୨୦୨୭ ବିଶ୍ୱକପ ସମୟରେ ୪୦ ବର୍ଷ ବୟସର ହେବେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ